## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ
### ଫେରାର୍ ଟ୍ରକ୍‌ର ନମ୍ବର ପ୍ଲେଟ୍ ଜବତ



**ଝାରସୁଗୁଡା ଅଫିସ୍,୨୦।୧୧:** ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ପୋଖରାସାଲେ ମହିକାନୀ ଛକ ନିକଟରେ ରବିବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍‌କୁ ଧକ୍କାଦେଇ ଟ୍ରକ୍ ଫେରାର୍ ହୋଇଯାଇଛି। ଦୁର୍ଘଟଣା ଘଟାଇ ଡ୍ରାଇଭର ଟ୍ରକ ନେଇ ଫେରାର୍ ହୋଇଯାଇଥିଲେ। ଦୁର୍ଘଟଣାସ୍ଥଳରେ ଟ୍ରକ୍‌ର ଓଡି ୦୯ଏକ୍ସ ୩୯୧୨ନମ୍ବର ପ୍ଲେଟ୍ ପଡିଥିଲା । ଏହାକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି। ଟ୍ରକ୍ ଧକ୍କାରେ ପ୍ରଥମେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ଆହତ ଅବସ୍ଥାରେ ତାଙ୍କୁ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବାଇକ୍ ଚାଳକ ହେଲେ ଠର୍କିମାଲର ରବି ପିଙ୍ଗ(୪୭)। ସୋମବାର ବ୍ୟବଚ୍ଛେଦ ହେବ ବୋଲି ଆଇଆଇସି ସୁକୁମାର ତ୍ରିପାଠୀ କହିଛନ୍ତି। କୋଲାବିରା ଥାନାରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଓଡି ୨୩ ଜେ ୫୦୫୨ବାଇକ୍‌କୁ ପୋଲିସ୍ ଜବତ କରିଛି।

### ଲୁଟ୍ ସାମଗ୍ରୀ ଜବତ, ୪ ଗିରଫ

**ରାଉରକେଲା ଅଫିସ,୨୦।୧୧:** ଛୁରି ଦେଖାଇ ସ୍କୁଟି ଓ ମୋବାଇଲ ଛଡାଇ ନେଇ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ସେକ୍ଟର-୭ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ ନାୟକ(୧୮), ଆଶା ଲାକୁଆ(୧୯), ଅମର ସିଂ ଓରପ ପିଣ୍ଟୁ(୨୪) ଏବଂ ସ୍ମୃତି ଲେହେରି(୧୮)। ସେମାନଙ୍କଠାରୁ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ରବିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଝିରପାଣି ଅଞ୍ଚଳର ଗଙ୍ଗା ଓରାମ ଓ ପ୍ରତୀକ ମାହାତୋ ଗତ ୧୯ରେ ଏକ ସ୍କୁଟି ଯୋଗେ ସେକ୍ଟର ୬ ସ୍ଥିତ ଦୁର୍ଗାପୁର ହିଲ୍‌ଟପ୍ ବସ୍ତିକୁ କୌଣସି କାର୍ଯ୍ୟରେ ଯାଉଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତମାନେ ଏକ ସ୍କୁଟିରେ ଆସି ଛୁରି ଦେଖାଇ ଗଙ୍ଗା ଓ ପ୍ରତୀକଙ୍କଠାରୁ ଦୁଇଟି ମୋବାଇଲ, ୧୫ ଶହ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ।

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ, ୨୦।୧୧:** ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର ବେହେରାଗୁଡ଼ାରେ ବିଜେଡ଼ି କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟପରିଷଦ ସଦସ୍ୟ ତାପସ ରାୟ ଚୌଧୁରୀ ଓ ଟିକେଶ୍ୱର ସେନାପତି, ଜିଲା ବିଜେଡି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ବ୍ରଜରାଜନଗର ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ବେଲପାହାଡ ପୂର୍ବତନ ନଗରପାଳ ପର୍ଶୁରାମ ସାହୁ, ମନୋରଞ୍ଜନ ମହାପାତ୍ର, ଜିଲା ବିଜେଡି ଉପସଭାପତି ଶମ୍ଭୁ ମହାନ୍ତି, ଜିଲା କୃଷକ ସଭାପତି ମିତ୍ରଭାନୁ ସାହୁ, ଜିଲା ଯୁବ ବିଜେଡି ସଭାପତି ପ୍ରଶାନ୍ତ ଜେନା, ଶ୍ୟାମ ଶତପଥୀ, ନଟବରଲାଲ ଶର୍ମା, ଜିଲା ଉପସଭାପତି ତୁଲାରାମ ସେନାପତି, ସଞ୍ଜିତ ପଧାନ, ରାଜେନ୍ଦ୍ର ସାହୁ, ପ୍ରମୋଦ ଗଡତିଆ, ତପନ ରାଧାକାନ୍ତ ପ୍ରଧାନ, ବ୍ଲକ ବିଜେଡି ସଭାପତି ରବିରତ୍ନ ପଧାନ,ସୁରଭି ଛତ୍ରିଆ, ସୁରେନ୍ଦ୍ର ବେହେରା, ବ୍ଲକ ବିଜେଡି ଯୁବ ସଭାପତି ନରେଶ ଖମାରୀ ପ୍ରମୁଖ ଯୋଗଦେଇଥିଲେ।

# ବିରୋଧ ସତ୍ତ୍ୱେ ବସ୍ତି ଉଚ୍ଛେଦ

- ପୋଲିସ-ବସ୍ତିବାସିନ୍ଦା ମୁହାଁମୁହିଁ
- ଖୋଲା ଆକାଶ ତଳେ ବିପନ୍ନ ପରିବାର

**ଝାରସୁଗୁଡା ଅଫିସ୍,୨୦।୧୧**

କୋର୍ଟଙ୍କ ନିର୍ଦ୍ଦେଶ ବଳରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶନିବାର ପାହାଡିପଡା ବସ୍ତି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାକୁ ବସ୍ତିବାସିନ୍ଦା ବିରୋଧ କରିବା ପରେ ବସ୍ତି ଉଚ୍ଛେଦ ନ କରି କୋର୍ଟ ଅମିନଙ୍କ ଜରିଆରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନ୍ୟପଟେ ବସ୍ତି ନିକଟରେ ଥିବା ପିଏଚ୍‌ଡି କାର୍ଯ୍ୟାଳୟକୁ ଜେସିବି ମେଶିନ ଲଗାଇ ଉଚ୍ଛେଦ କରିଦିଆଯାଇଥିଲ। ଉଚ୍ଛେଦର ଦ୍ୱିତୀୟ ଦିନ ରବିବାର ସକାଳୁ ସଶସ୍ତ୍ର ପୋଲିସ୍ ଫୋର୍ସ ଉପସ୍ଥିତିରେ ବସ୍ତି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାକୁ ବସ୍ତିବାସିନ୍ଦା ବିରୋଧ କରିଥିଲେ। ପୋଲିସ-ବସ୍ତିବାସିନ୍ଦା ମୁହାଁମୁହିଁ ହୋଇଥିଲେ। ଏହା ସତ୍ତ୍ୱେ ପୋଲିସ ଉପସ୍ଥିତିରେ ବଳପୂର୍ବକ ଜେସିବି ମେଶିନ ଲଗାଇ ଘରସବୁ ଭାଙ୍ଗି ଦିଆଯାଇଥିଲା। ଲୋକେ ସେମାନଙ୍କ ଘରର ଆସବାବପତ୍ର ଜୀବନ ବିକଳରେ ଘରୁ ବାହାରକୁ ବାହାର କରିଥିଲେ। ଉଚ୍ଛେଦ କରିବା ସମୟରେ ବସ୍ତିବାସିନ୍ଦା ବହୁ କାକୁତି ମିନତି ମଧ୍ୟ ହୋଇଥିଲେ। ହେଲେ ସେମାନଙ୍କ କଥା କେହି ଶୁଣି ନ ଥିଲେ। ଘର ଭାଙ୍ଗିଦେବା ଫଳରେ ବିପନ୍ନ ପରିବାର ଏବେ ଛୁଆପିଲାଧରି ଭୋକ ଉପବାସରେ ଖୋଲା ଆକାଶତଳେ ଶୀତ,କାକରରେ ପଡିରହିଛନ୍ତି। ବିପନ୍ନ ହୋଇଥିବା ବସ୍ତିବାସିନ୍ଦା କହିଛନ୍ତି, ଦୀର୍ଘ ୫୦ବର୍ଷ ହେଲା ଏଠାରେ ଘରଦ୍ୱାର କରି ବସବାସ କରୁଥିଲୁ। ଅନ୍ୟାୟଭାବେ ଆମ୍ଭମାନଙ୍କୁ ଏଠାରୁ ବଳପୂର୍ବକ ଉଚ୍ଛେଦ କରାଯାଉଛି। ଜିଲା ପ୍ରଶାସନ ତରଫରୁ ଥଇଥାନ କରା ନ ଯାଇ ଶୀତରତୁରେ ପୁଣି ବଳପୂର୍ବକ ଉଚ୍ଛେଦ କରାଯାଉଛି। ଏହା ବସ୍ତିବାସିନ୍ଦାଙ୍କ ପାଇଁ ଅବିଚାର ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବିପନ୍ନ ବସ୍ତିବାସିନ୍ଦାଙ୍କ କେଶ ଲଢୁଥିବା ଆଇନଜୀବୀ ସତ୍ୟନାରାୟଣ ବହିଦାର କହିଛନ୍ତି, ଏହାର ଶୁଣାଣି ଆସନ୍ତା ୨୨ରେ ଜିଲାଜଜ୍ କୋର୍ଟରେ ରହିଥିବାବେଳେ ତା'ପୂର୍ବରୁ ବସ୍ତିବାସିନ୍ଦାଙ୍କ ଘର ଭାଙ୍ଗିଦିଆଗଲା। ଖୋଲା ଆକାଶତଳେ ଶୀତକାକରରେ ପଡ଼ିଥିବା ବିପନ୍ନ ବସ୍ତିବାସିନ୍ଦା ନ୍ୟାୟ ଅପେକ୍ଷାରେ ରହିଛନ୍ତି ବୋଲି ସେ କହିଛନ୍ତି। ଏନେଇ ତହସିଲଦାର ବସନ୍ତ ହାତୀ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶବଳରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ସୋମବାର ଏହା ଶେଷ ହେବ ବୋଲି ସେ କହିଛନ୍ତି।



ଉଚ୍ଛେଦ ପ୍ରକ୍ରିୟା ଜାରି ବେଳେ ବସ୍ତିବାସିନ୍ଦା ଓ ପୋଲିସ ମୁହାଁମୁହିଁ।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ, ଦେବଗଡ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଦେବଗଡ, ୨୦।୧୧(ଡି.ଏନ.ଏ.)**

ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଦେବଗଡ ଜିଲାର ଛାତ୍ରୀଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଭୁବନେଶ୍ୱର ୟୁନିଟ ୯ରେ ଗତ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୨୪ଜଣ ଛାତ୍ରୀଛାତ୍ର ୧୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରିଆମାଳ ଓ ତିଲେଇବଣି ବ୍ଲକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୬ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ତିଲେଇବଣି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସାଲୋନୀ ବାଙ୍କିରା ଚିତ୍ରାଙ୍କନ (ବରିଷ୍ଠ) ବିଭାଗରେ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚନା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାରକୋଟ ବ୍ଲକ ରାଇତବାହାଲ ଗ୍ରାମର ଖଣ୍ଡାମ ଏନୟୁପିଏସ ବିଦ୍ୟାଳୟର ଛାତ୍ର ଶଶୀଭୂଷଣ ପ୍ରଧାନ କୁଇଜ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଦ୍ୱିତୀୟ, ରିଆମାଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦଳ ସାଂସ୍କୃତିକ ନୃତ୍ୟରେ ପ୍ରଥମ ସ୍ଥାନ ଓ ଦେବଗଡ ମହାବିଦ୍ୟାଳୟର ଛାତ୍ର ଅଙ୍କୁର ରଞ୍ଜନ ସ୍ୱାଇଁ କଳା ଉତ୍ସବର ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଟାଇଁସର ସିଆରସିସି ଭେନସ ପ୍ରଧାନଙ୍କ ନେତୃତ୍ୱରେ ବୁଡିଦୋ ସିଆରସିସି ଘନଶ୍ୟାମ ସାହୁ, ସହକାରୀ ଶିକ୍ଷକ ଅଶୋକ ସେଠୀ, ବିଶ୍ୱାଳ ସାଗର ନାୟକ, ପୁଷ୍ପାଞ୍ଜଳି ପ୍ରଧାନ, ଦେବକୀ ନାୟକ , ଶୁଭଲକ୍ଷ୍ମୀ ମହାପାତ୍ର ଓ ସବିତା ଭୋଇ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।




ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଦେବଗଡ଼ର ଛାତ୍ର ପୁରସ୍କୃତ ହେଉଛନ୍ତି।

# ବସ୍ ଧକ୍କାରେ ମୋପେଡ ଚାଳକ ଗୁରୁତର, ରାସ୍ତାରୋକୋ

**ଝାରସୁଗୁଡା ଅଫିସ୍,୨୦।୧୧**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ୧୯ଖଣ୍ଡ ମୌଜା ଅମାପାଲି ନିକଟରେ ରବିବାର ସାଢେ ୧ଟାରେ ବାଲାଜୀ ନାମକ ଏକ ଯାତ୍ରୀବାହୀ ବସ୍ ମୋପେଡକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ନିକଟସ୍ଥ ଗୁଡମ ଗ୍ରାମର ଗୋପାଳ ବିଶି(୫୦)ଗୁରୁତର ଆହତ ହୋଇଛନ୍ତି। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ଗୋଡ ଭାଙ୍ଗିଯାଇଛି । ତାଙ୍କୁ ଗ୍ରାମବାସୀ ତୁରନ୍ତ ଛତିଶଗଡ଼ ରାୟଗଡ ମେଟ୍ରୋ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ପଠାଇଛନ୍ତି। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି ବୋଲି ତାଙ୍କ ସମ୍ପର୍କୀୟଙ୍କ ସୂତ୍ରରୁ ଜଣାପଡିଛି। ତାଙ୍କୁ ବୁର୍ଲା ବଡମେଡିକାଲ୍‌କୁ ସ୍ଥାନାନ୍ତରିତ କରିବା ପାଇଁ ପ୍ରୟାସ ଚାଲିଛି। ଦୁର୍ଘଟଣା ସମ୍ପର୍କରେ ଖବରପାଇ ସ୍ଥାନୀୟ ଲୋକେ ବସ୍‌କୁ ଅଟକାଇ ରାସ୍ତା ଅବରୋଧ କରିଥିଲେ। ବସ୍ ମାଲିକ ଗୁରୁତର ଆହତଙ୍କ ସମସ୍ତ ଚିକିତ୍ସା ଅର୍ଥ ବହନ କରିବା ପାଇଁ ଦାବି କରିଥିଲେ। ଫଳରେ ୧ଘଣ୍ଟା ଧରି ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ରେଙ୍ଗାଲି ଥାନା ପୋଲିସ ଓ କଣ୍ଢେଇକେଲା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଁଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ବସ୍ ମାଲିକଙ୍କ ସହିତ ଆଲୋଚନା କରାଯିବ ବୋଲି ପୋଲିସ କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଓଡି ୨୩ଡି ୪୦୬୯ ନଂ. ବସ୍ ଓ ଦୁର୍ଘଟଣାଗ୍ରସ୍ତ ସିଜି ୧୩ ୟୁ ୫୦୬୫ନଂ. ମୋପେଡକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ରେଙ୍ଗାଲି ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ବସ୍‌ଟି ଚାଣ୍ଟିପାଲିରୁ ଝାରସୁଗୁଡା ଯାଉଥିବାବେଳେ ମୋପେଡ ଚାଳକ କନକତୋରା ହାଟରେ ପରିବା ବିକ୍ରିକରି ଘରକୁ ଫେରୁଥିଲେ।



ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ।

### ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା ଅଫିସ,୨୦।୧୧**

ରାଉରକେଲା ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ଚାଲିଥିବା ପ୍ରଥମ ଭାଗୀରଥି ବେହେରା ସ୍ମୃତି ଚେସ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପିର କ୍ରୀଡା ଓ ପ୍ରୋଟୋକଲ ବିଭାଗର ମହାପ୍ରବନ୍ଧକ ବିଜୟ କୁମାର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା ଚେସ୍ ମହାସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ସମାଜସେବୀ ଶ୍ରଦ୍ଧା ଷଡଙ୍ଗୀ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଚେସ୍ ପ୍ରତିଯୋଗିତାରେ ନର ନାରାୟଣ ବେହେରା ପ୍ରଥମ, ଚନ୍ଦ୍ର ଶେଖର ପଣ୍ଡା ଦ୍ୱିତୀୟ ଓ ସତ୍ୟମ ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରକାଶ ସାହୁ, ସୁଜିତ ତନ୍ତୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସଙ୍ଗଠନ ସଭାପତି ରଶ୍ମିତ ସାହାଣୀ, ପ୍ରଦୀପ ବିଶୋଇ, ପ୍ରକାଶ ସାହୁ, ଦେବୀ ପ୍ରସାଦ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ଦୁଗ୍ଧ ଦିବସରେ ଶୋଭାଯାତ୍ରା

**ରାଉରକେଲା ଅଫିସ,୨୦।୧୧**

ରାଉରକେଲାରେ ରବିବାର ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଛି। ଅମୂଲ କମ୍ପାନୀ ଓ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଦୁଗ୍ଧ ଆନ୍ଦୋଳନର ପୁରୋଧା ପଦ୍ମବିଭୂଷଣ ଡ. ଭିର୍ଗିସ କୁରିନ୍‌ଙ୍କ ୧୦୧ ତମ ଜୟନ୍ତୀ ଓ ଅମୂଲ୍ୟ କମ୍ପାନୀକୁ ୭୬ବର୍ଷ ପୂର୍ତ୍ତି ଅବସରରେ ଏକ ସାଇକେଲ ରାଲି ଆୟୋଜନ କରାଯାଇଥିଲା। ଏହି ରାଲିକୁ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ତୃପ୍ତି ଦାସ, ଭାସ୍କର ନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାଇକେଲ ରାଲି ସେକ୍ଟର-୬ ସ୍ଥିତ ଟେଲିଫୋନ ଭବନ ପଡିଆରୁ ବାହାରି ସେକ୍ଟର-୧୩ ଛକ ଦେଇ ପୁଣି ଟେଲିଫୋନ ଭବନ ପଡିଆରେ ପହଞ୍ଚିଥିଲା। ଏଥିରେ ରାଉରକେଲାର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅମୂଲର ଶାଖା ପରିଚାଳକ ଅଭିଷେକ ପ୍ରଧାନ, ଗଣପତି ରାଉତ, ଦୁର୍ଯ୍ୟୋଧନ ତ୍ରିପାଠୀ, ଗୌରବ ରାଉତ, ଶୁଭେନ୍ଦୁ ପଣ୍ଡା, ଜଗନ୍ନାଥ ରାଉତ, ଅବିନାଶ ସୂତାର, ସତ୍ୟବ୍ରତ ଜେନା, ପ୍ରକାଶ ରାଉଳ, ଦୟାନିଧି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶୁଭେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀଛାତ୍ରମାନେ ସାଇକେଲ ଶୋଭାଯାତ୍ରାରେ ବାହାରିଛନ୍ତି।

# ରେଲୱେ ବୋର୍ଡ ପିଏ କମିଟିର ଝାରସୁଗୁଡା ରେଲଷ୍ଟେଶନ ପରିଦର୍ଶନ

**ଝାରସୁଗୁଡା ଅଫିସ୍,୨୦।୧୧**

ରେଲୱେ ଦିଲ୍ଲୀ ବୋର୍ଡ ପିଏ (ପବ୍ଲିକ ଏମିନିଟି) କମିଟିର ୪ଜଣିଆ ପ୍ରତିନିଧି ଦଳ ରବିବାର ଝାରସୁଗୁଡ଼ା ରେଲଷ୍ଟେଶନରେ ପହଁଞ୍ଚି ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହା ସହ ଯାତ୍ରୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିରେ କମିଟିରେ ପଶ୍ଚିମବଙ୍ଗରୁ ରାମ କୁମାର ପହାନ, ବିହାରରୁ ଅଜୟ କୁମାର ଯାଦବ, ଆସାମରୁ ବିଚିତ୍ରା ନାରାୟଣ କଲିତା, ଡିଆରୟୁସିସି କମିଟି ଏମ୍‌ପି ପ୍ରତିନିଧି ଲଳିତ ମଗର, ଦିଲୀପ କୁମାର ମଲ୍ଲିକ, ଅଭିଜିତ ଦାସ, କମର୍ସିଆଲ ମ୍ୟାନେଜର ଏ.କେ ମିଶ୍ର, ଏଆରଏମ୍ ଅଜିତ ପଣ୍ଡା, ଷ୍ଟେଶନ ମ୍ୟାନେଜର ଡି. ବେହୁରା ପ୍ରମୁଖ ଉପସ୍ଥିତି ଥିଲେ। ଏହି କମିଟି ଝାରସୁଗୁଡା ରେଳଷ୍ଟଶନରେ ଟ୍ରେନ ଯାତ୍ରୀଙ୍କ ଖାଦ୍ୟପେୟ, ଶୌଚାଳୟ, ପ୍ଲାଟଫର୍ମ ବ୍ୟବସ୍ଥା, ସିଟିଙ୍ଗ ସିଷ୍ଟମ, ରହଣି ବ୍ୟବସ୍ଥା, ପାନୀୟଜଳ, ଯାନବାହାନ ପାର୍କିଂ ଇତ୍ୟାଦିର ତଦାରଖ କରିଥିଲେ। ଏଥିରେ ରେଳବିଭାଗର ମୁଖ୍ୟ ସୁରକ୍ଷା ଅଧିକାରୀ (ଓସି ) ରାକେଶ ମୋହନ, ନୋବଲ ଶର୍ମା, ନେତାଜୀ ପଟ୍ଟନାୟକ, ଗୋପାଳ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।



କମିଟି ପ୍ରତିନିଧି ଦଳ ଝାରସୁଗୁଡ଼ା ରେଲୱେ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

# ମେକ୍ ଇନ୍ ଓଡ଼ିଶା କନକ୍ଲେଭକୁ ନେଇ ବୈଠକ

**ରାଉରକେଲା ଅଫିସ,୨୦।୧୧**

ରାଉରକେଲା ବାଣିଜ୍ୟ ସଂଘର୧୪ତମ କାର୍ଯ୍ୟକାରିଣୀ ବୈଠକ ରବିବାର ବାଣିଜ୍ୟ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ସୁବ୍ରତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ୩୦ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ କିଭଳି ବିଭିନ୍ନ ରାଜ୍ୟରୁ ଆସୁଥିବା ନିବେଶକମାନେ ଯୋଗଦେବେ ଓ କିପରି ବାଣିଜ୍ୟ ସଂଘ ସେଥିରୁ ଉପକୃତ ହେବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ୫୦ ଜଣ ପ୍ରତିନିଧି ଉପସ୍ଥିତ ଥିଲେ। ସଂଘର ସାଧାରଣ ସମ୍ପାଦକ ସୁନିଲ କୟାଲ, ଉପାଧ୍ୟକ୍ଷ ନରେଶ ଆରିଆ, ରଜେଶ ଅଗ୍ରୱାଲ, ଶୁଭମ କାପୁର, ଅର୍ଥ ସଚିବ ସନ୍ତୋଷ ଅଗ୍ରୱାଲଙ୍କ ସମେତ ବହୁ ପଦାଧିକାରୀ ଏହି କନକ୍ଲେଭ୍‌ର ଷ୍ଟିକରକୁ ଉନ୍ମୋଚନ କରିଥିଲେ।

# ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୦।୧୧**

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରଠାରେ ନଟରାଜ ନୃତ୍ୟ ପରିଷଦ ଓ ନଟରାଜ ଥିଏଟରର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡିଶୀ ନୃତ୍ୟ ମହୋତ୍ସବ ଓ ଭାରତୀୟ ସଂସ୍କୃତି କଳା ଦର୍ପଣ ସମ୍ମାରୋହ-୨୦୨୨ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି, ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଆର୍‌ଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ମା' ଶାରଳାଙ୍କ ଦାସୀ ସାରଦା ଦାସ, ଶରତ ଚନ୍ଦ୍ର ଧଳ, କମଲ ଲାକ୍ରା, ଡ. ରାମଚନ୍ଦ୍ର ମେହେରା, ପ୍ରଫେସର ସମର ମୁଦାଲି, ବିମଳା ଦିଦି, ଜୟା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର ଓ ଗୁରୁ ଶରତଚନ୍ଦ୍ର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ବିମଳ କୁମାର ବିଶି ସଭାପତିତ୍ୱ କରିଥିବାବେଳେ ଅନୀଲ ମଲ୍ଲିକ ଓ ଝିଲିମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁ ସୁନୀତା ପଟ୍ଟନାୟକ, ସୁବ୍ରତ ଭୂୟାଁ, ସୁଦେଷ୍ଣା ରାଣୀ ରାଉତ, ନୀଳାଦ୍ରି ମହାନ୍ତି, ପ୍ରଶାନ୍ତୀ ଜେନା, ରଶ୍ମିତା ଜେନାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ବସନ୍ତ ଦାସ, ଇନ୍ଦ୍ରାବଳୀ ମିସ୍ତ୍ରୀ, ଅଞ୍ଜଳି ଜେନା, ବିରେନ ପୁରନ, ବିଲୋଚନ ପାତ୍ର, ବିଶ୍ୱଜିତା ମହାପାତ୍ର, ସୁଶାନ୍ତ ଦାସ, ରାନୁ ମହାପାତ୍ର, ରଜନୀକାନ୍ତ ସ୍ୱାଇଁ ସହଯୋଗ କରିଥିଲେ। ନଟରାଜ ନୃତ୍ୟ ପରିଷଦ ଓ ନଟରାଜ ଥିଏଟର ମୁଖ୍ୟ ଆୟୋଜକ ପ୍ରବୀର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଫୁଟବଲ ଦଳ ଚାମ୍ପିୟନ

### ଏକଦିବସୀୟ ବୀର୍ସା ମୁଣ୍ଡା ଫୁଟବଲ ପ୍ରତିଯୋଗିତା

**ଦେବଗଡ଼,୨୦।୧୧(ଡି.ଏନ.ଏ.)**

ଦେବଗଡ଼ ଜିଲା ଆଦିବାସୀ ମହାସଂଘ ଆନୁକୂଲ୍ୟରେ ସ୍ଥାନୀୟ ପଲଟନଗୁଡା ଖେଳ ପଡିଆରେ ରବିବାର ୮ଟି ଦଳକୁ ନେଇ ବିର୍ସା ମୁଣ୍ଡା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଫୁଟବଲ ଦଳ ଓ ଖଜୁରିବାହାଲ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଜୁରିବାହାଲ ଦଳକୁ ୨-୦ ଗୋଲରେ ପରାସ୍ତ କରି ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡିକୁ ପ୍ରଦୀପ କୁମାର ବେହେରା, ଗୋପାଳ ନାୟକ ଓ କେଦାର ସାହୁ ପରିଚାଳନା କରିଥିଲେ। ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ଜିଲା ଆଦିବାସୀ ମହାସଂଘ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁରର ସେଟେଲମେଣ୍ଟ ଅଫିସର ପ୍ରଦୀପ କୁମାର ନାଏକ, ସମ୍ମାନିତ ଅତିଥିଭାବେ ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କୁଞ୍ଜବିହାରୀ କିସାନ, ଆଲୋକ ହେମ୍ବ୍ରମ, ରମେଶ ମୁଣ୍ଡା, ସଞ୍ଜୀବ ପାତ୍ର, ମକରଧ୍ୱଜ ହସ୍ତୀ, ରାଜେଶ ବାର୍ଲା ଓ ବାଦଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଜିଲା ଆଦିବାସୀ ମହାସଂଘ ସଭାପତି ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, କଲଣ୍ଡା ସରପଞ୍ଚ ସସ୍ମିତା ଲୁଗୁନ, ନାଏବ ସରପଞ୍ଚ ଅଲେଖ ନାଏକ ପ୍ରମୁଖ ଯୋଗ ଦେଇଥିଲେ ।



ବିର୍ସା ମୁଣ୍ଡା ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

**ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ**

ସମ୍ବଲପୁର,(ବ୍ୟୁରୋ): ହୋପ ସ୍କୋପ ଅନୁଷ୍ଠାନ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ଫାଟକଠାରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷିତ ଗାଡ଼ି ଚାଳନା, ବ୍ୟସ୍ତବହୁଳ ରାସ୍ତା କିପରି ଅତିକ୍ରମ କରାଯିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା । ମନୋରଞ୍ଜନ ବେହେରା, ମନୋରଞ୍ଜନ ପ୍ରଧାନ, ତ୍ରିଲୋଚନ ସାହୁ, ସୁଶ୍ରୀ ସ୍ୱାଗତିକା ସ୍ୱାଇଁ, ଅର୍ଚ୍ଚନା ବେହେରା, ପ୍ରକାଶ ଡାଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରକ୍ତତୀର୍ଥ କୁଦୋପାଲିର ହେବ ପୁନରୁଦ୍ଧାର

**ଧରିତ୍ରୀ ପ୍ରଭାବ**

**ପହଞ୍ଚିଲେ କମିଶନର**

ସମ୍ବଲପୁର,୨୦।୧୧(ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠରେ କୁଦୋପାଲି ପାହାଡ଼ ରହିଛି । ଇଂରେଜ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ଯୁଦ୍ଧର ମୂକସାକ୍ଷୀ ହେଉଛି ଏହି ଐତିହ୍ୟସ୍ଥଳ । ରକ୍ତତୀର୍ଥ କୁହାଯାଉଥିବା କୁଦୋପାଲି ପାହାଡ଼ ଓ ଐତିହ୍ୟ କିର୍ତ୍ତିରାଜିର ପୁନଃରୁଦ୍ଧାର ହେବ। ଏନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଗତ ୧୪ ତାରିଖ ଦିନ ଏହି ସ୍ଥାନରେ ଥିବା ପ୍ରାଚୀନ କୀର୍ତ୍ତି, ମନ୍ଦିର, ଗୁମ୍ଫା, ମୂର୍ତ୍ତିର ପୁନଃରୁଦ୍ଧାର ଓ ରକ୍ଷଣାବେକ୍ଷଣ କରାଯାଉ ବୋଲି ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା ।

ରକ୍ତତୀର୍ଥ କୁଦୋପାଲିର ସୁରକ୍ଷା ପାଇଁ ରଣଭୂମି ନାମକ ଏକ ଅନୁଷ୍ଠାନ ଅଣ୍ଟା ଭିଡିଛି। ଏହି ଅନୁଷ୍ଠାନର କର୍ମକର୍ତ୍ତାମାନେ ପୂର୍ବରୁ ସଫେଇ କାମ ଓ ସୁରକ୍ଷାକୁ ନେଇ ବୈଠକ କରିଥିଲେ । ଏଭଳି ପରିସ୍ଥିତିରେ ରବିବାର ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି, ଐତିହାସିକ ଦୀପକ ପଣ୍ଡା, ଖବରଦାତା ଭବାନୀ ଶଙ୍କର ଭୋଇ, ଶିବ ମେହେର ଘଟଣା ସ୍ଥଳ ବୁଲିବା ସହ ଏହାର କିପରି ପୁନଃରୁଦ୍ଧାର କରାଯାଇ ପାରିବ ସେନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ରଣଭୂମି ଅନଷ୍ଠାନର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହି ନିଜ ମତ ଓ ପରାମର୍ଶ ଦେଇଥିଲେ। ଏହି ଅବସରରେ କମିଶନର ସାହୁ ଓ ଅନ୍ୟମାନେ ଇଂରେଜ ଓ ସଂଗ୍ରାମୀଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ସ୍ଥଳକୁ ଯାଇଥିଲେ। ସେଠାରେ ଥିବା ଗୁମ୍ଫା, ଐତିହ୍ୟ ସ୍ଥଳୀ, ସ୍ମୃତି ବହନ କରୁଥିବା ଘର ଆଦି ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ଏହାର କିଭଳି ଉନ୍ନତି କରାଯାଇ ପାରିବ ଓ ପର୍ଯ୍ୟଟକଙ୍କୁ କିପରି ଆକୃଷ୍ଟ କରିହେବ ସେନେଇ ଆଲୋଚନା କରିଥିଲେ।

ଏହି ଐତିହ୍ୟ ସ୍ଥଳର ପୁନଃରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ରାଜନେତା, ଯୁବବର୍ଗ ମିଶି ରଣଭୂମି ନାମକ ଅନୁଷ୍ଠାନ ଗଢ଼ି ଆଗେଇ ଆସିଛନ୍ତି। ନିକଟରେ ସଦସ୍ୟମାନେ ପାହାଡ଼ ଶୀର୍ଷରୁ ଆରମ୍ଭ କରି ପାଦଦେଶ ପର୍ଯ୍ୟନ୍ତ ସଫା ସୁତୁରା କରିଥିଲେ। ନିୟମିତ ଭାବେ ସଫେଇ ଓ ପୁନଃରୁଦ୍ଧାର ପାଇଁ ଅନୁଷ୍ଠାନ କାର୍ଯ୍ୟ କରୁଛି। ସୂଚନାଯୋଗ୍ୟ, ଐତିହାସିକ ତଥ୍ୟ ଅନୁସାରେ ୧୮୫୭ ଡିସେମ୍ବର ୩୦ରେ ବୀର ସୁରେନ୍ଦ୍ର ସାଏ, ଭାଇ ଛବିଳ ସାଏ ଓ ତାଙ୍କ ସାଥୀ କୁଦୋପାଲିର ଏହି ଦୁର୍ଗ ନିକଟରେ ଥିବା ଗାଁ ପାଖ ଆମ୍ବତୋଟାରେ ବିଶ୍ରାମ ନେଉଥିଲେ। ଭୋର ସମୟରେ ହଠାତ୍ ଘୋଡ଼ା ଟାପୁ ଶବ୍ଦ ଶୁଭିଥିଲା। ସୁରେନ୍ଦ୍ର ସାଏ ଓ ସାଥୀମାନେ କୁଦୋପାଲି ଦୁର୍ଗରେ ଥିବା ବେଳେ ଶତାଧିକ ଇଂରେଜ ସୈନିକ ଚାରିପଟରୁ ଘେରି ଯାଇଥିଲେ। ପରସ୍ପର ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କୁ ଆହତ କରି ଫେରାର ହୋଇଯାଇଥିଲେ। ହେଲେ ତାଙ୍କ ଭାଇ ଛବିଳ ସାଏଙ୍କ ସମେତ ୫୩ଜଣ ସଂଗ୍ରାମୀ ଜୀବନ ହାରିଥିଲେ। ୧୧ଜଣଙ୍କୁ ଇଂରେଜମାନେ ଗିରଫ କରିଥିଲେ। ସେମାନଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ ୪ଜଣଙ୍କୁ ଫାଶୀ ଦିଆଯାଇଥିଲା। ଗୋଟିଏ ସ୍ଥାନରେ ୫୩ ଜଣ ବୀର ପୁରୁଷ ଦେଶ ପାଇଁ ଜୀବନ ହାରିଥିଲେ। ପାହାଡ଼ ଓ ଗାଁ ମାଟି ରକ୍ତରଞ୍ଜିତ ହୋଇଥିଲା। ତେଣୁ ସେହିଦିନ ଠାରୁ ଉକ୍ତ ସ୍ଥାନକୁ ରକ୍ତତୀର୍ଥ ବୋଲି କୁହାଯାଇ ଆସୁଛି। ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପରେ ମଧ୍ୟ ଇଂରେଜ ସୈନିକ ଗାଁର ପ୍ରତ୍ୟେକ ଘରକୁ ଯାଇ ସୁରେନ୍ଦ୍ର ସାଏଙ୍କୁ ଖୋଜିଥିଲେ। ମହିଳା ଓ ବୃଦ୍ଧଙ୍କ ଉପରେ ଅତ୍ୟାଚାର କରିଥିଲେ। ଆଜି ସେ ସମୟର ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି। ହେଲେ ସେମାନଙ୍କ ଦାୟାଦ ବସବାସ କରୁଛନ୍ତି।



ରବିବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁଦୋପାଲି ଐତିହ୍ୟ ସ୍ଥଳକୁ କମିଶନର ଓ ଅନ୍ୟମାନେ ପରିଦର୍ଶନ କରୁଛନ୍ତି ।

## ସଂକ୍ଷେପରେ

### କୃଷକ ସୁରକ୍ଷା ସଂଗଠନର ସାଧାରଣ ବୈଠକ

ଜମନକିରା,୨୦।୧୧(ଡି.ଏନ.ଏ.): ରବିବାର ପୂର୍ବାହ୍ନରେ ଜମନକିରା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ କୃଷକ ସୁରକ୍ଷା ସଂଗଠନର ସାଧାରଣ ବୈଠକ ଅସ୍ଥାୟୀ ସଭାପତି ଦ୍ୱାରୁଚରଣ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଦିନରେ ହେବାକୁ ଥିବା ଧାନ କ୍ରୟ ଉପରେ ଆଲୋଚନା କରାଯାଇଥିଲା। ଗତବର୍ଷ ମିଲରମାନଙ୍କ ଦ୍ୱାରା ଚାଷୀମାନେ କଟନୀ ଛଟନୀ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଚଳିତବର୍ଷ ଯେପରି ସେଭଳି ଅସୁବିଧା ନ ହୁଏ ସେଥିପ୍ରତି ସଙ୍ଗଠନ ଅଧିକ ଯତ୍ନବାନ ହେବା ସହ ଚାଷୀଙ୍କୁ ସହଯୋଗ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବ ବୈଠକର ବିବରଣୀ ଏବଂ ଆୟ ବ୍ୟୟ ପଠନ ସମ୍ପାଦକ ଶାଲେକ ରାମ ପ୍ରଧାନ କରିଥିବା ବେଳେ ପିଛାଲୁ ଭୋଇ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବୀନ ପଟେଲ, ମିଳନ ଖୁଣ୍ଟିଆ, ଶୋଭାରାମ ପ୍ରଧାନ, ଆଦି ପ୍ରସାଦ ମହାକୁଳ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରେ କମିଟି ଘୋଷଣା କରାଯାଇଥିଲା।

### ମାଧୋ ସିଂ ହକି ଏକାଡେମୀ ହେବ ସ୍ଥାନାନ୍ତରଣ

ସମ୍ବଲପୁର,୨୦।୧୧(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରାରେ ହକି ଷ୍ଟାଡିୟମ ନିର୍ମାଣ କାମ ପ୍ରାୟ ଶେଷ ହୋଇଛି । ଷ୍ଟାଡିୟମକୁ ସ୍ଥାନୀୟ ଜମିଦାର ତଥା ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆଙ୍କ ନାମରେ ନାମିତ କରାଯାଉ ବୋଲି ଦାବି ହୋଇଛି । ଏଭଳି ପରସ୍ଥିତିରେ ଯୁଯୁମୁରାରେ ମାଧୋ ସିଂ ନାମରେ ବହୁ ବର୍ଷରୁ ଚାଲିଥିବା ହକି ଏକାଡେମୀକୁ ସ୍ଥାନାନ୍ତରିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ମାଧୋ ସିଂ ହକି ଏକାଡେମୀ ମୁଖ୍ୟ ସଂଯୋଜକ ଆଇନଜୀବୀ ଲକ୍ଷ୍ମୀ ମହାନ୍ତି ଏନେଇ ସୂଚନା ଦେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରାୟ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ଯୁଯୁମୁରା ବ୍ଲକ ଅଞ୍ଚଳର ହକି ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ଏକାଡେମୀ ଖୋଲାଯାଇଥିଲା । ଏଥିରେ ତାଲିମ ନେଇ ଏହି ଅଞ୍ଚଳର ଯୁବ ଖେଳାଳିମାନେ ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରିଛନ୍ତି । ହକିର ପ୍ରଚାର ପ୍ରସାର ପାଇଁ ସବୁବେଳେ ପ୍ରୟାସ କରାଯାଉଛି । ଯୁଯୁମୁରାରେ ଏକ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଦାବି ହୋଇଥିଲା ।

### ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

ନାକଟିଦେଉଳ,୨୦।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଦିନ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପେଣ୍ଡବାହାଲ ନିକଟ ଚମ୍ପାଳି ନଦୀ ତଟରେ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାନେତ୍ରୀ ରଚନା ସିଂ ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟତଃ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯିବା ସହ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘର ସଂପାଦକ ପ୍ରଶାନ୍ତ କୁମାର ନାଥ,ନାକଟିଦେଉଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଶ୍ୱିନୀ କୁମାର କର, ସଂପାଦକ ସଞ୍ଜୟ କୁମାର ପ୍ରଧାନ, ସହ ସଂପାଦକ ଛବିଳ କୁମାର ଧଳ, ବ୍ରଜଚନ୍ଦ୍ର ସାହୁ, କ୍ଷେତ୍ରୀୟ ସଂପାଦକ ପବିତ୍ର ମୋହନ ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ଅଚ୍ୟୁତାନନ୍ଦ ପ୍ରଧାନ, ପୂର୍ବତନ ଜିଲା ସଭାପତି ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଜିଲା ସଂଘର ଉପଦେଷ୍ଟା ଦିଲୀପ କୁମାର ବହିଦାର, ମନୋଜ ସେଠ,ଜିଲା ଉପ ସଭାନେତ୍ରୀ ସତ୍ୟଭାମା, ଭୁବନେଶ୍ୱର ଦ୍ୱିବେଦୀ, ଘନେନ୍ଦ୍ର ସାହୁ, ଈଶ୍ୱର ମହାକୁଡ଼ ପ୍ରମୁଖ ଯୋଗଦେଇ ଆଲୋଚନାରେ ନିଜର ମତ ଉପସ୍ଥାପନ କରିଥିଲେ।

# ଶିଅଳ ସମାଜର ବାର୍ଷିକ ସଭା

କୁଚିଣ୍ଡା,୨୦।୧୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକର ଗୋଛରା ସାପ୍ତାହିକ ବଜାରଠାରେ ରବିବାର ଶିଅଳ(ଖଜୁରିଆ) ସମାଜର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଶିଅଳ ସମାଜର ସମସ୍ତେ ଏକଜୁଟ ହେବାକୁ ଆଲୋଚନା ହୋଇଥିଲା। ଶିଅଳ ସମାଜ ପାଇଁ କୁଚିଣ୍ଡାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କାର ଅନୁଦାନ ଦେଇଥିବା କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ବୀରବର ବେହେରା ସଭାପତି, ଦେବାଧି ବେହେରା ଉପସଭାପତି , ବୈଦ୍ୟନାଥ ବେହେରା ସମ୍ପାଦକ, ଶ୍ରୀଚରଣ ବେହେରା ସହ ସମ୍ପାଦକ ଓ ଶଙ୍କର୍ଷଣ ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହାଛଡା କାର୍ଯ୍ୟକାରୀ କମିଟିକୁ ସଞ୍ଜୟ ବେହେରା, ହିରାଲାଲ ବେହେରା, ତପେଶ୍ୱର ବେହେରା,ବିଘ୍ନେଶ୍ୱର ବେହେରା,ଶଶୀ ବେହେରା ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବେ ହରିବନ୍ଧୁ ବେହେରା,ଡିଲେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ଅର୍କ ମନୋନୀତ ହୋଇଛନ୍ତି। ଶେଷରେ ହିରାଲାଲ ବେହେରା ଧନ୍ୟବାଦ ଦେଇଥିଲେ।

# ଇସକଫ ସମ୍ବଲପୁର ଜିଲା ପରିଷଦ ବୈଠକ

**ନୂତନ ଜିଲା କମିଟି ଗଠିତ**

ସମ୍ବଲପୁର,୨୦।୧୧(ବ୍ୟୁରୋ)

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘ (ଇସକଫ) ସମ୍ବଲପୁର ଜିଲା ସାଧାରଣ ପରିଷଦର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସର୍ବସାଧାରଣ ପାଠାଗାରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ପ୍ରାକ୍ତନ ସଭାପତି ଡା. ରମାବଲ୍ଲଭ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ସାଧାରଣ ସମ୍ପାଦକ ଜୟଶଙ୍କର ମିଶ୍ର ବୈଠକ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ଡିସେମ୍ବର ୧୦ ଓ ୧୧ ତାରିଖ କଟକଠାରେ ହେବାକୁ ଥିବା ୨୩ତମ ଜାତୀୟ ସମ୍ମିଳନୀ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାଛଡା ନୂତନ ସଦସ୍ୟ ସଂଗ୍ରହ, ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ତର୍ଜମା କରିବା ସହ ଜିଲା ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଜିଲା ପରିଷଦର ନୂତନ ସଭାପତି ଭାବେ ଡା. ରମାବଲ୍ଲଭ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଭାବେ ସୁରେଶ୍ୱର ମିଶ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ପ୍ରଣତି ପଟ୍ଟନାୟକ, ରାଜକିଶୋର ଦାସ, ସୁତାପା ମିତ୍ର, ଅରୁଣ ଖୁଣ୍ଟିଆ, ଗଣେଶ ମହାପାତ୍ର, ମହମ୍ମଦ ସୁବିର ଅହମଦ, ଜୟଶଙ୍କର ମିଶ୍ର ସାଧାରଣ ସମ୍ପାଦକ ଓ ରବୀନ୍ଦ୍ର ମହାନ୍ତି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

# ସମ୍ବଲପୁର ମହୋତ୍ସବ-୨୦୨୨ ଉଦ୍‌ଘାଟିତ



ରବିବାର ସମ୍ବଲପୁର ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା ।

**ଲୋକଗୀତ, ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ**

ସମ୍ବଲପୁର,୨୦।୧୧(ବ୍ୟୁରୋ)

ସମ୍ବଲପୁର ମହୋତ୍ସବ ଲୋକ କଳାକାରମାନଙ୍କ ମଞ୍ଚ। ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଓ ଲୁପ୍ତ ପ୍ରାୟ କଳାକୁ ବଞ୍ଚାଇବା ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ। କିନ୍ତୁ କଳାକାରମାନେ ଅବହେଳିତ ହୋଇ ରହିଛନ୍ତି। ତେଣୁ ସମ୍ବଲପୁର ମହୋତ୍ସବ ଜରିଆରେ ଗ୍ରାମାଞ୍ଚଳ କଳାକାରଙ୍କୁ ପ୍ରୋତ୍ସାହିତ କରାଯାଉଛି। ରବିବାର ସମ୍ବଲପୁରର ଅଇଁଠାପାଲି ବିର୍ସା ମଇଦାନଠାରେ ଉଦ୍‌ଘାଟିତ ସମ୍ବଲପୁର ମହୋତ୍ସବ-୨୦୨୨ରେ ଅତିଥିମାନେ ଏହା କହିଛନ୍ତି।

ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଏହି ମହୋତ୍ସବ ଆୟୋଜିତ ହୋଇଥିବା ବେଳେ ସଂଯୋଜକ ସପନ ମିଶ୍ରଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବର ଶୁଭାରମ୍ଭ କରିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଳ, ଡ. ସାଧୁଚରଣ ପଣ୍ଡା, ଭକ୍ତ ପ୍ରସାଦ ନନ୍ଦ, ଗୋଲକ ବିହାରୀ ମିଶ୍ର, ଡା. ବିନୋଦ ବିହାରୀ ନାୟକ, ଡ. ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ସୁରଞ୍ଜନ ମହାପାତ୍ର, ସଦାନନ୍ଦ ପଣ୍ଡା, ଦୁର୍ଗା ଦାଶ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ଦିଲୀପ ବାଗ ସମଲେଇ ବନ୍ଦନା ଗାନ କରିଥିଲେ। ଏହାପରେ ଲୋକନୃତ୍ୟ, ଲୋକଗୀତରେ ମଞ୍ଚ ଦୁଲୁକିଥିଲା। ସମ୍ବଲପୁରୀ ଫେଶନ ଶୋରେ ଦର୍ଶକ ବିମୋହିତ ହୋଇଥିଲେ। ମାନସ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଂଯୋଜନା କାର୍ଯ୍ୟକ୍ରମ ହୋଇଥିଲା। ହିନ୍ଦୁ, ଶିଖ, ଇସଲାମ, ଈଶାଇ ଧର୍ମଗୁରୁମାନେ ନିଜସ୍ୱ ଧର୍ମ ଗ୍ରନ୍ଥରୁ ପଂକ୍ତି ଆବୃତ୍ତି କରିଥିଲେ। ସୂଚନାଯୋଗ୍ୟ, ୧୦ଦିନ ଧରି ଏହି ମହୋତ୍ସବ ହେବ। ପ୍ରତିଦିନ ସମସ୍ତ ବର୍ଗଙ୍କ ପାଇଁ ନାଚ, ଗୀତ, ର‌୍ୟାମ୍ପ ଶୋ, ଚିତ୍ରକଳା ପ୍ରଦର୍ଶନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯିବା ସହ ହସ୍ତତନ୍ତ, ହସ୍ତଶିଳ୍ପର ବିଭିନ୍ନ ସାମଗ୍ରୀର ବଜାର ରହିଛି।

# ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ବୈଠକ



ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ବୈଠକରେ ଅତିଥି ଓ ଅନ୍ୟମାନେ ।

ସମ୍ବଲପୁର,୨୦।୧୧(ବ୍ୟୁରୋ)

ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ତରଫରୁ ରାଜ୍ୟସ୍ତରୀୟ ବୈଠକ ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଭାପତି ଦୀପକ ବାଗ ସଭାପତିତ୍ୱ କରିଥିଲେ । ରାଜ୍ୟ କାର୍ଯ୍ୟକାରୀ ସଭାପତି ନିହାଲ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୈଠକରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟଅତିଥି, ଶିକ୍ଷାବିତ କୈଳାସ ମହାରଣା, ନିତେଶ ଆଚାର୍ଯ୍ୟ, ନିବେଦିତା ସ୍ୱାଇଁ ସମ୍ମାନିତ ଅତିଥି ଓ ପୂର୍ବତନ ରାଜ୍ୟ ସଭାପତି ବାଳକୃଷ୍ଣ ନାଗ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ରାଜ୍ୟ ଉପସଭାପତି ବାଉରୀ ବନ୍ଧୁ ଗୋଛାୟତ, ପ୍ରମୋଦ ଲୁହୁରା, ଏମଆର ପ୍ରଶାନ୍ତ, ସଂପାଦକ ଅରୁଣ କୁମାର ମହାନନ୍ଦ, ଏସ.କେ. ଇନ୍ତିକାଫ, ସମ୍ବଲପୁର ଜିଲା କାର୍ଯ୍ୟକାରୀ ସଭାପତି ଆଶିଷ ମହାନନ୍ଦ ଯୋଗଦେଇ ଦଳିତ ସାହିତ୍ୟକୁ ରାଜ୍ୟରୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କବିତା ପାଠ କରାଯାଇଥିଲା। ଶେଷରେ ରାଜ୍ୟ ସାଧାରଣ ସଂପାଦିକା ମୋମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକମାନେ ସମାଜର ମେରୁଦଣ୍ଡ

ସମ୍ବଲପୁର,୨୦।୧୧(ବ୍ୟୁରୋ)

ଶିକ୍ଷକମାନେ ସମାଜର ମେରୁଦଣ୍ଡ। ସେମାନେ ଏକବିଂଶ ଶତାବ୍ଦୀକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନଙ୍କୁ ଯୁଗପୋଯୋଗୀ ଶିକ୍ଷାଦାନ କରିବା ସମୟ ଆସିଛି। ସ୍ଥାନୀୟ ଏକ ହୋଟେଲଠାରେ ଗ୍ଲୋବାଲ୍ ଫାଉଣ୍ଡେଶନ ଫର ଆର୍ଲି ଚାଇଲ୍ଡ ଏଜୁକେଶନ ଏଣ୍ଡ ରିସର୍ଚ୍ଚ ଓ ବୈଦ୍ୟନାଥ ପଣ୍ଡା ଏଜୁକେଶନାଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିକ୍ଷକ ସଶକ୍ତୀକରଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍‌ମାନେ ଏହି ମତ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ମା' ଝାଡ଼େଶ୍ୱରୀ କଲେଜର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ.ଅନାମିକା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଡ.ମସୁଧା ୟଶ୍ୱିନ, ଦିଲ୍ଲୀର ଡ.ଶେଲ୍ଲୀ ବିଷ୍ଟ, ବେଙ୍ଗାଲୁରୁର ଡ. ରଜନୀ ରାଓ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ଟି ଶିକ୍ଷାନୁଷ୍ଠାନର ପ୍ରାୟ ୩୦୦ ଅଧ୍ୟକ୍ଷ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶିକ୍ଷାଦାନର କୌଶଳ ଓ ପାଠ୍ୟକ୍ରମ ବିଷୟରେ ତାଲିମ ଦିଆଯାଇଥିଲା।




ସମ୍ବଲପୁରରେ ଆୟୋଜିତ ଶିକ୍ଷକ ସଶକ୍ତୀକରଣ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

# ଶିକ୍ଷା ରୂପକ ଗଙ୍ଗା ପ୍ରବାହରେ ଶିକ୍ଷକମାନେ ଭଗୀରଥ

**ଜିଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ**

ସମ୍ବଲପୁର,୨୦।୧୧(ବ୍ୟୁରୋ)

ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ସଭାକକ୍ଷରେ ଚାଲିଥିବା ଦୁଇଦିନିଆ ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ସଭାପତିତ୍ୱ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ .ନାଗରାଜୁ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ଛାତ୍ର ଗଠନରେ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଶିକ୍ଷା ରୂପକ ଗଙ୍ଗା ପ୍ରବାହରେ ଶିକ୍ଷକମାନେ ଭଗୀରଥ ସଦୃଶ ବୋଲି କହିଥିଲେ । ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟରେ ପ୍ରଧାନଶିକ୍ଷକ ସମସ୍ତଙ୍କ ସହିତ ସୁସମ୍ପର୍କ ରକ୍ଷା କରିବା ସହ ମିଳିତ ନେତୃତ୍ୱରେ ବିଦ୍ୟାଳୟ ପରିଚାଳନା କରିବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଡ. ମୂରଲୀଧର ବେହେରା ସୂଚନା ପ୍ରଦାନ କରିଥିଲେ । ପ୍ରଫେସର ସେବକ ତ୍ରିପାଠୀ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ପ୍ରଧାନଶିକ୍ଷକମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ବୋର୍ଡ଼ ଉପସଭାପତି ନିହାର ରଞ୍ଜନ ମହାନ୍ତି ଯୋଗଦେଇ ନୂତନ ଭାବେ ପ୍ରଚଳିତ ହେବାକୁ ଥିବା ଶିକ୍ଷାନୀତି ଉପରେ ଭର୍ଚୁଆଲ ଜରିଆରେ ଆଲୋକପାତ କରିଥିଲେ । ନୂତନ ଶିକ୍ଷାନୀତି ଆଧାରରେ ଏକବିଂଶ ଶତାବ୍ଦୀରେ ଦକ୍ଷତା ଅଭିବୃଦ୍ଧି ଉପରେ ଜିଲା ଶିକ୍ଷା ଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷା ପ୍ରଶିକ୍ଷିକା ସିପ୍ରା ପ୍ରଧାନ ଓ ଆଜାଦ ଶେଖର ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଏ-୧ ପାଇଥିବା ସମସ୍ତ ବିଦ୍ୟାଳୟକୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସତ୍ୟନାରାୟଣ ସାହୁ ଓ ସନ୍ଧ୍ୟାରାଣୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରିଚାଳନାରେ ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା, ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥୀ ପ୍ରଧାନ, ପ୍ରୋଗ୍ରାମର ରବି ନାରାୟଣ ସାହୁ, ଚନ୍ଦ୍ର ଶେଖର ବେହେରା, ଜିଲା ସ୍କୁଲର ପ୍ରଧାନଶିକ୍ଷକ ସୌରେନ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ସୁମିତା ପତ୍ରୀ, ରାକ୍ଷୀ ମହାପାତ୍ର, ପ୍ରଧାନଶିକ୍ଷକ କୁଳଧର ପ୍ରଧାନ, ଶିକ୍ଷକ ହରି ନାରାୟଣ ପଣ୍ଡା, ଡ. ଗୌରୀଦାସ ପଧାନ, ମାଧୁରିମା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୂରଲୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ସମ୍ବଲପୁର ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା ।

## ଅସହାୟଙ୍କୁ ଶୀତ ବସ୍ତ୍ର ପ୍ରଦାନ

ନୂଆପଡ଼ା ଅଫିସ: ନୂଆପଡା ସଦର ମହକୁମାସ୍ଥିତ ପୋଲିସ ପଡିଆରେ ପ୍ରତାପମଲ ବଗଡିୟା ଚାରିଟେବୁଲ ଟ୍ରଷ୍ଟ କୋଲକତା ଓ ଶୀତ ବସ୍ତ୍ର ପ୍ରେରକ ବିଜୟ କୁମାର ଲୋହାଟି ରାୟପୁରଙ୍କ ସହାୟତାରେ ସଦର ବ୍ଲକ ହରିପୁର ଗୁରୁକୁଳ ଆଶ୍ରମ ଦ୍ୱାରା ଅସହାୟ, ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗଙ୍କୁ ଶିତ ବସ୍ତ୍ର ପ୍ରଦାନ କରାଯାଇଛି। ଗୁରୁକୁଳ ଆଶ୍ରମ ମହର୍ଷି ସୁଦର୍ଶନ ଦେବ ଆଚାର୍ଯ୍ୟଙ୍କ ଅଧକ୍ଷରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନୂଆପଡା ଓ ଜୁନାନୀ ଗ୍ରାମର ୭୦୦ଜଣଙ୍କୁ ପ୍ରଦାନ କରାଯାଇଥିଲା। ଦିଲାପ କୁମାର ଜିଗ୍ୟାସୁ, କ୍ଷମାନିଧି ଦେବାଙ୍ଗନ, ମନିସ ତିୱାରୀ, ଶିବାନନ୍ଦ ପାତ୍ର, ଲୋକନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କୋଶଳ ରତ୍ନ ନାଟରଜଙ୍କ ଶ୍ରାଦ୍ଧ ଦିବସ

**ଖଡ଼ିଆଲ,୨୦।୧୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲର କୋଶଳ ରତ୍ନ ନଟରାଜ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଖଡ଼ିଆଲଠାରେ ପାଳିତ ହୋଇଯାଇଛି। ପ୍ରଥମେ ଶ୍ରୁତି ସଭା ଆୟୋଜନ ହୋଇଥିବା ବେଳେ ପଞ୍ଚଭାଷୀ ରୁବାୟତ ନଟରାଜ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ରୁବାୟତ, ଓଡ଼ିଆ, କୋଶଳୀ, ଇଂଲିଶ, ହିନ୍ଦୀ ଓ ସଂସ୍କୃତି ଭାଷାରେ ପାଞ୍ଚଟି ଭାଷାରେ ସ୍ଥାନ ପାଇଛି। ସଭାରେ ପୂର୍ବତନ ଅଧକ୍ଷ ଡ଼ ଫଣିନ୍ଦମ ସିଂଦେଓ, ମେଜର ଡ଼ ରାମଚନ୍ଦ୍ର ମିଶ୍ର, ପୂର୍ବତନ କମିଶନଙ୍କ ଶ୍ରୀକାନ୍ତ ଚଟର୍ଜୀ, କବି ନୀଳଲୋହିତ ସିଂ ଦେଓ, ପୂର୍ବତନ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର, ଶୈଳେନ୍ଦ୍ର ପାଣିଗ୍ରାହୀ, ସୁଦର୍ଶନ ଠାକୁର, ନନ୍ଦଲାଲ ବାରିକ, ଅର୍ଜୁନ ପଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରି ସ୍ୱଗର୍ତ ମହାପାତ୍ରଙ୍କ ସ୍ମୃତି ଚରଣ କରିଥିଲେ। କୃଷ୍ଣ ମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ର ନଟରାଜ ମହାପାତ୍ରଙ୍କ ସ୍ମୃତି ଗାନ କରିଥିଲେ। ସଭାରେ ସହରର ବୁଦ୍ଧିଜୀବୀ ସମେତ ପରିବାର ସଦସ୍ୟ ଓ ବନ୍ଧୁ ପରିଜନ ବହୁତ ସଂଖ୍ୟାରେ ଯୋଗଦେଇଥିଲେ।

### ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଦାବିପତ୍ର

**ଖଡ଼ିଆଲ,୨୦।୧୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲଠାରେ ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଓଡିଶା ଆହ୍ୱାନକ୍ରମେ ଖଡ଼ିଆଲ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଏକ ରାଲି କରିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଖଡ଼ିଆଲ ସହର ଷ୍ଟାଣ୍ଡଠାରୁ ରାଲି ଆରମ୍ଭ ହୋଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଗଣ ଶିକ୍ଷରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ ସହ ପୂର୍ବରୁ ଥିବା ଠିକା ଶିକ୍ଷକମାନଙ୍କ ୬ ବର୍ଷ ଗଣନା ସହ ୬ଟି ଇଂକ୍ରିକେଟ ପ୍ରଦାନ, ଆଞ୍ଚଳିକ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ନୂତନ ପେନସନ ଯୋଜନା ବଦଳରେ ପୁରୁଣା ପେନସନ ଲାଗୁ କରିବା ଦାବି ରଖିଥିଲେ। ଦାବିପତ୍ର ପ୍ରଦାନ ବେଳେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ରାଜ୍ୟ ଶିକ୍ଷକ ସଂଘ ପରାମର୍ଶ ଦାଦା ଅଶୋକ କୁମାର ବାରିକ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଗଣେଶ ଚନ୍ଦ୍ର ଦୁବେ, ସମ୍ପାଦକ ପୁରୁଷତମ ସାଗରିଆ, ସିଲୁ ମହାନନ୍ଦ, ଲକ୍ଷ୍ମୀ ନାରାୟଣ ସାହୁ, କ୍ଷେତ୍ରବାସୀ ବାରିକ, ଅରୁଣ ନାଗ, ଦେବେନ୍ଦ୍ର ପାଣ୍ଡେ, ଉମାଶଙ୍କର ତାଣ୍ଡି, ରଜନୀକାନ୍ତ ଦାସ, କଲ୍ପିନା ରାଣୀ ପଣ୍ଡା, ବନ୍ଦନା ପଣ୍ଡା, ଜ୍ୟୋତିପ୍ରଭା ପରିଡା, ବିଶବନ୍ଧୁ ବଛୋର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

### ସେଚ୍ଛାସେବୀ ପଞ୍ଜୀକରଣ କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୨୦।୧୧:** କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ସମାଜ ସେବା ପ୍ରତି ରୁଚି ରଖିଥିବା ବିଭିନ୍ନ କଳା କୌଶଳ ଓ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରମାନଙ୍କୁ ବ୍ୟକ୍ତିଗତ ସେଚ୍ଛାସେବୀ ଭାବେ ସାମିଲ କରିବା ପାଇଁ ସ୍ଥାନୀୟ ସରକାରୀ ପୋଲିଟେକ୍ନିକ କଲେଜରେ ଇଂଟେନ୍ସିକ ଭୋଲୁଣ୍ଟିୟର ଏନରୋଲମେଣ୍ଟ ପ୍ରୋଗ୍ରାମ ଆୟୋଜନ କରାଯାଇଛି। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ପୋଲିଟେକ୍ନିକ କଲେଜ ଅଧ୍ୟକ୍ଷ ଏସଲର ଏକା, ଅଧ୍ୟାପିକା ସିମନ୍ତିନି ଭୋଇ, ଅଞ୍ଜଳି କୁଜୁର, ଅଧ୍ୟାପକ କାସ୍ରୟ କିଷାନ ଚାପେୟର, ଅଭିଷେକ ଖମାରୀ, ବନମାଳୀ ଦୀପ ପ୍ରମୁଖ କାର୍ଯ୍ୟକ୍ରମର ଲକ୍ଷ୍ୟ, ସେଚ୍ଛାସେବୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ କେଉଁ ସବୁ କାର୍ଯ୍ୟକ୍ରମ କରାଯାଇ ପାରିବ ସେ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଲିଟେକ୍ନିକ କଲେଜ ଅଧ୍ୟୟନରତ ୮୨ଜଣ ଛାତ୍ରୀଛାତ୍ର ସେଚ୍ଛାସେବୀ ଭାବେ ଯୋଗ ଦବା ପାଇଁ ଆବେଦନ କରିଛନ୍ତି। ନେହେରୁ ଯୁବ କେନ୍ଦ୍ର ସେଚ୍ଛାସେବୀ ଭାରତୀ ଭୋଇ, ବିଶାଖା ହରିଜନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନକ ରାମ ପାଣ୍ଡେ ଧନ୍ୟବାଦ ଦେଇଥିଲେ।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

**ନୂଆପଡ଼ା ଅଫିସ,୨୦।୧୧**

ନୂଆପଡା ଜିଲାରେ ୨୦୦୧ରୁ ଜିଲା ପରିଷଦ ଦ୍ୱାରା ନିଯୁକ୍ତି ପାଇଥିବା ସେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷା ସହାୟକ, କନିଷ୍ଠ ଶିକ୍ଷକ(ଅସ୍ଥାୟୀ)ଶିକ୍ଷକମାନେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବାଳକ ପ୍ରାଥମିକ ବଦ୍ୟାଳୟଠାରୁ ଏକ ବିରାଟ ପଟୁଆରାରେ ବାହାରି ବିଭିନ୍ନ ଦାବି ଉପରେ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ସଦର ଗୋଷ୍ଠୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଜରିଆରେ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ପତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜିତେନ୍ଦ୍ର ଖମାରୀ ଅଧ୍ୟକ୍ଷତା କରିଥିବା ବେଳେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରଶାନ୍ତ ପଣ୍ଡା ଓ ଜିଲା ସଭାପତି ଅଶୋକ କୁମାର ବାରିକ ଅତିଥି ଭାବେ ଯୋଗଦେଇ ଦାବି ପୂରଣ ପାଇଁ ସଂଗ୍ରାମ କରିବା ଆମର ନ୍ୟାର୍ଯ୍ୟ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ମକରଭଜ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଭାନୁ ପ୍ରତାପ ସିଂ ମାଝି, ବିଶ୍ୱମଣି ପାଣିଗ୍ରାହୀ, ଅଶୋକ କ୍ଷିତିଶ ବୋଧନକର ପ୍ରମୁଖ ଉପଦେଷ୍ଟା ମଣ୍ଡଳୀ ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଚୁକ୍ତି ଭିତିକ ନିଯୁକ୍ତି ଉଚ୍ଛେଦ, ଜାତୀୟ ଇକ୍ରିମେଣ୍ଟ ପରି ଅନ୍ୟାନ୍ୟ ସୁବିଧା,କେନ୍ଦ୍ରିୟ ବେତନ ଦ୍ୱାରା ଏଲିମେଂଟାରୀ ଶିକ୍ଷକ ମାନଙ୍କୁ ୩୫,୪୦୦ ଟଙ୍କା ସ୍କେଲ ଅଫ ପେ,ପୁରୁଣା ପେନସନକୁ ପୁନଃ ଲାଗୁ କରିବା ଭଳି ଦାବି ଉପସ୍ଥାପନ କରିଥିଲେ । କିଶୋର କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ହିରାଲାଲ ପଟେଲ, ପ୍ରଫୁଲ ବାରିକ, ଯୋଗେନ୍ଦ୍ର ବେହେରା, ଧ୍ରୁବ ପ୍ରଧାନ, ଭୁବନ ବେହେରା, ହିରାଲାଲ ଦଣ୍ଡସେନା, ହରେନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ।



ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

# ବିଦ୍ୟୁତ୍ ତାର ଚୋରି ଅଭିଯୋଗ

**ନୂଆପଡ଼ା ଅଫିସ,୨୦।୧୧**

ନୂଆପଡା ସଦର ସାଲେଭଟା ଗ୍ରାମର ଜଣେ ଚାଷୀଙ୍କ ବୋରୱେଲକୁ ଯାଇଥିବା ୧୧ ହଜାର କେଭି ବିଦ୍ୟୁତ୍ ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସାଲେଭଟା ଗ୍ରାମର ବାଲେଶ୍ୱର ସାହୁ ତାଙ୍କ ବାପା ଭୁଖାଉ ରାମ ସାହୁଙ୍କ ନାମରେ ୨ ଏକର ଜମି ରହିଛି। ସେଠାରେ ବନ୍ଧ, ମୁଡା କିମ୍ବା ସେଭଳି କୌଣସି ପାଣି ମଡାଇବା ସୁବିଧା ନ ଥିବାରୁ ବୋରୱେଲ କରି ସେହି ଜମିରେ ଚାଷ କରି ଆସୁଛନ୍ତି। ବର୍ତ୍ତମାନ ଖରିଫ ଧାନ ଚାଷ ଅମଳ ସରିଥିବା ବେଳେ ରବି ଧାନ ଚାଷ ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଗତ ୧୪ ତାରିଖରେ ବୋରୱେଲକୁ ଯାଇଥିବା ବିଦ୍ୟୁତ ତାର ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଟିପିଡବ୍ଲୁଓଡିଏଲ ଏସଡିଓ ନୂଆପଡା ଅଭିନାଶ ବିଶ୍ୱାଳଙ୍କୁ ଲିଖିତ ଭାବେ ଲଣାଇଛନ୍ତି। ଏହାର ତଦନ୍ତ କରି ସମସ୍ୟା ସମାଧାନ କରାଯିବ ବୋଲି ବିଶ୍ୱାଳ କହିଛନ୍ତି। ରବି ଚାଷ ପାଇଁ ଦିନ ଗଡି ଯାଉଥିବାରୁ ଶୀଘ୍ର ବିଦ୍ୟୁତ ସଂଯୋଗ କରିବା ସାହୁ ଦାବି କରିଛନ୍ତି।

# ଖେଲୋ ଇଣ୍ଡିଆ ଉଷୁ ଓମେନ୍ସ ଲିଗ୍‌ରେ କଳାହାଣ୍ଡିର ଅବନ୍ତିକା



କୋଚଙ୍କ ସହ ଅବନ୍ତିକା।

**ଭବାନୀପାଟଣା,୨୦।୧୧(ସ୍ୱ.ପ୍ର.)**

ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କେରଳର ଖୋଜିକୋର୍ଡଠାରେ ଅନୁଷ୍ଠିତ ହେବାକୁ ଥିବା ଖେଲୋ ଇଣ୍ଡିଆ ଉଷୁ ଓମେନ୍ସ ଜୋନାଲ ଲିଗ୍‌ରେ ଓଡିଶା ପକ୍ଷରୁ କଳାହାଣ୍ଡି ଜିଲା ଭବାନୀପାଟଣାର ଉଷୁ ଖେଳାଳି ଅବନ୍ତିକା ପ୍ରଧାନ ଚୟନ ହୋଇଛନ୍ତି। ଆବନ୍ତିକା ବର୍ତ୍ତମାନ ଭବାନୀପାଟଣାସ୍ଥିତ ବିମଳା କନଭେଣ୍ଟ ସ୍କୁଲଠାରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ଜିଲା ଉଷୁ ଆସୋସିଏଶନ ସମ୍ପାଦକ ଓ କୋଚ କୃଷ୍ଣଚନ୍ଦ୍ର ସାହୁ ଅବନ୍ତିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଷୁ ଖେଳ ଅଭ୍ୟାସ ଜୋରସୋରରେ ଚଳାଇଛନ୍ତି। ଆଗାମୀ ପୀଢି ପାଇଁ ଏହା ପ୍ରେରଣାର ବିଷୟ ହେବ ବୋଲି ଉଷୁ କୋଚ ସାହୁ ଉଲ୍ଲେଖ କରିଛନ୍ତି। ଉଷୁ କୋଚ ସାହୁ ଟିମ ମେନେଜର ଭାବେ ଓଡିଶା ଉଷୁ ଦଳକୁ ପ୍ରତିନିଧିତ୍ୱ କରିବେ ଜିଲା ପାଇଁ ଗୌରବ ବିଷୟ। ଉଷୁ କୋଚ କୃଷ୍ଣଚନ୍ଦ୍ରଙ୍କ ନେତୃତ୍ୱରେ କଳାହାଣ୍ଡିରେ ଉଷୁର ପ୍ରଚାର ଓ ପ୍ରସାର ହୋଇଆସୁଛି। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ ନେଇ ଜିଲା ତଥା ରାଜ୍ୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଖେଲୋ ଇଣ୍ଡିଆ ଲିଗ ପାଇଁ ଭୁବନେଶ୍ୱରଠାରେ ଚୟନ ହୋଇଥିଲା। ଏଥିରେ ପ୍ରତ୍ୟେକ ଜିଲାରୁ ଉଷୁ ଖେଳାଳିମାନେ ଭାଗ ନେଇଥିଲେ। ଉଷୁ ଆସୋସିଏଶନ ଅଫ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ ଓ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ସିଲେକ୍ସନ ଟ୍ରାଏଲେ କ୍ୟାଲିଫାଏ କରିଥିବା ଖେଳାଳିମାନେ ଖେଲୋ ଇଣ୍ଡିଆ ଉଷୁ ଓମେନ ଲିଗ୍ରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି।

# ଶାସ୍ତ୍ରିଜୀ ମହିଳା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଭବାନୀପାଟଣା,୨୦।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଶାସ୍ତ୍ରିଜୀ ମହିଳା ମହାବିଦ୍ୟାଳୟରେ ମହାରାଣୀ ଲକ୍ଷ୍ମୀବାଇ ଜୟନ୍ତୀ ସହ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ସମିତି ଅଧକ୍ଷା ନମିତା ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀରୋଗ ବିଶେଷଜ୍ଞ ଡ଼. ହେମାଙ୍ଗିନୀ ମେହେର, ମୁଖ୍ୟବକ୍ତା ଭାବେ ମହିଳା ପର୍ବତାରୋହୀ ତଥା ତେରେସିଙ୍ଗା ମହାବିଦ୍ୟାଳୟ ଅଧ୍ୟାପିକା ଲିପ୍ସାମୟୀ ଦୁବେ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ନିମନ୍ତ୍ରିତ ଅତିଥିଙ୍କ ସହ ମହାବିଦ୍ୟାଳୟ ସଭାପତି ଶିକ୍ଷାବିତ୍ ଜୟରାମ ସାହୁ ଓ ସମ୍ପାଦକ ଜୟନ୍ତକୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ମହାବିଦ୍ୟାଳୟ ଅଧାପିକା ସସ୍ମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଯୁକ୍ତ ୩ ପ୍ରଥମ ବାର୍ଷିକୀ ଛାତ୍ରୀ ଶୁଭଶ୍ରୀ ପଣ୍ଡା ମହାରାଣୀ ଲକ୍ଷ୍ମୀବାଇଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଯୁକ୍ତ ୨ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷା ଦୀପା ସାହୁ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ର ଛାତ୍ରୀ ନିରିମାଖୀ ଦୋରା ଓ ଯୁକ୍ତ ୩ର ଛାତ୍ରୀ ସାତୀ ବୁଦ୍ଧିଆ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। କ୍ରିକେଟରେ ଯୁକ୍ତ ୩ର ଭୌତିକ ବିଜ୍ଞାନ ବିଭାଗ ଚାମ୍ପିୟନ ହୋଇଥିବା ବେଳେ ହୋଇଛନ୍ତି ଯୁକ୍ତ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ରନର୍ସ ହୋଇଛନ୍ତି। ପରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧାପିକା କରିସ୍ମା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲା ବେଳେ ରାନୀ ସାହୁ, ଶ୍ରୀଅଂଶୀ ମିଶ୍ର, କରିସ୍ମା ଭୋଇ ଆଦ୍ୟାଶା ବେହେରା ଓ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମୋବାଇଲ ପାଇଁ ଯୁକ୍ତ ୨ ଛାତ୍ରଙ୍କ ଆତ୍ମହତ୍ୟା

**ବୋଡେନ,୨୦।୧୧(ଡି.ଏନ.ଏ.)**

ଜଣେ ଯୁକ୍ତ ଦୁଇ ଛାତ୍ର ମୋବାଇଲ କିଣିବାକୁ ବାପାଙ୍କୁ ପଇସା ମାଗିଲେ। ବାପା ଧାନ ବିକ୍ରି କରିବା ପରେ ମୋବାଇଲ କିଣିବାକୁ କହିଥିଲେ। ଏଥିରେ ଛାତ୍ର ଜଣକ ରାଗି ଯାଇ ଫାସି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲା ବୋଡେନ ଥାନା କର୍ଲାକୋଟ ପଞ୍ଚାୟତ ଅନ୍ତର୍ଗତ କିରେକେଲା ଗ୍ରାମରେ। ସୂଚନା ଅନୁସାରେ, କିରେକେଲା ଗ୍ରାମର ଓଙ୍କାର ମାଝି (୧୭) ବିଜୁ ପଟ୍ଟନାୟକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୨ ପଢୁଥିଲେ। ଓଙ୍କାର ମୋବାଇଲ କିଣିବାକୁ ତାଙ୍କ ବାପାଙ୍କୁ କହି ଆସୁଥିଲେ। ପୁଣି ଗତ ୧୪ ତାରିଖ ଓଙ୍କାର ମୋବାଇଲ୍ କିଣିବାକୁ ଜିଦ୍ କରିଥିଲେ। ହେଲେ ବାପା ପଇସା ନାହିଁ, ଧାନ ବିକିବା ପରେ ମୋବାଇଲ୍ କିଣିବେ ବୋଲି କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଓଙ୍କାର ଘରୁ ସେହି ଦିନ ଚାଲି ଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି ପରେ ବି ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ନିଖୋଜ ହେବାର ୫ଦିନ ପରେ ଶନିବାର ଗାଁ ପାଖ ଜଙ୍ଗଲର ଏକ ଗଛରେ ଓଙ୍କାରଙ୍କ ମୃତଦେହ ଝୁଲୁ ଥିବା ଅବସ୍ଥାରେ ଦେଖି ଗାଁ ଲୋକେ ଖବର ଦେଇଥିଲେ। ପରିବାର ପକ୍ଷରୁ ଖବର ପାଇ ବୋଡେନ ପୋଲିସ ଶବ ଜବତ୍ କରି ରବିବାର ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଛି।

# ଜିଲା କ୍ରୀଡ଼ା ସଂସ୍ଥାର ବାର୍ଷିକ ସାଧାରଣ ଅଧିବେଶନ

**ଭବାନୀପାଟଣା,୨୦।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମସ୍ଥିତ କ୍ରୀଡା ସଂସ୍ଥା ସମ୍ମିଳନୀ କକ୍ଷରେ ରବିବାର ଜିଲା କ୍ରୀଡା ସଂସ୍ଥାର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ସଂସ୍ଥା ଜିଲା ଉପସଭାପତି ରାମକୁମାର ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଅନୁବନ୍ଧିତ ଅନୁଷ୍ଠାନର ଅନେକ ପ୍ରତିନିଧି ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା ଗତବର୍ଷ ସାଧାରଣ ଅଧିବେଶ ବିବରଣୀ ପାଠ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକଙ୍କ ଦ୍ୱାରା ବାର୍ଷିକ ବିବରଣୀ, ଯୁଗ୍ମ ସମ୍ପାଦକ କାଳୀପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ଗତବର୍ଷର ଆୟବ୍ୟୟ ଅଡିଟ୍ ସମୀକ୍ଷା ରିର୍ପୋଟ ତଥା ଆୟ ବ୍ୟୟ ହିସାବ ଓ ଆଗାମୀ ବର୍ଷ ପାଇଁ ଆନୁମାନିକ ବଜେଟ୍ ଉପସ୍ଥାପନା କରାଯାଇଥିଲା। ସଭାରେ ବିସ୍ତୃତ ଆଲୋଚନା ପରେ ପ୍ରସ୍ତାବଗୁଡିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସାଧାରଣ ସମ୍ପାଦକ ପଟ୍ଟନାୟକ କ୍ରୀଡା ସଂସ୍ଥାର ବିଭିନ୍ନ ସମସ୍ୟା ଓ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକର ଆଲୋକପାତ କରିଥିଲେ। କ୍ରୀଡା ସଂସ୍ଥା ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ଭିକାରୀ ଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ।




ବାର୍ଷିକ ସାଧାରଣ ଅଧିବେଶନରେ ଯୋଗଦେଇଥିବା ଅତିଥିଗଣ।

# ରାହସ ପୂର୍ଣ୍ଣିମା ଉପଲକ୍ଷେ ଘୁମୁରା ପ୍ରତିଯୋଗିତା



ଘୁମୁରା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

**କୋକସରା,୨୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡାଠାରେ ରାହସ ପୂର୍ଣ୍ଣିମା ଉପଲକ୍ଷେ ଶନିବାର ରାତିରେ ଘୁମୁରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଘୁମୁରା ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଝିଗୁଡାର ସାମାଜିକ କର୍ମୀ ଧବଳେଶ୍ୱର ନାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ଜୟପାଟଣା ବ୍ଲକ ଅଧକ୍ଷ ଥବିର ବାଗ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ତ୍ରିଲୋଚନ ବାଗ, ଜୟପାଟଣା ବ୍ଲକ ଉପାଧକ୍ଷ ପ୍ରତିନିଧି ଲାବାଣ୍ୟ ବାଣୁଆ, ଯୁଗଳ କିଶୋର ହଂସ, ପଞ୍ଚକ ପୋଢ଼ ମଞ୍ଚରେ ଉପସ୍ଥିତ ରହିଥିଲେ। ଘୁମୁରା ନୃତ୍ୟ ହେଉଛି କଳାହାଣ୍ଡିର ଆତ୍ମା, ଏହି ନୃତ୍ୟକୁ ନେଇ କଳାହାଣ୍ଡିର ଲୋକକଳା ଓ କଳାକାର ଆଜି ଦେଶ ବିଦେଶରେ ଚର୍ଚ୍ଚିତ ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମ ଚୈତନ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ନାଏକ, ଡମ୍ବରୁ ଦୁର୍ଗା ମଞ୍ଚ ପରିଚାଳନା କରିଥିଲେ। ଘୁମୁରା ନୃତ୍ୟ କାର୍ଯ୍ୟକ୍ରମରେ ମୋଟ ୮ଦଳ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଡାଲଗୁମା ଦଳ, ୨ୟ କଦଳିମୁଣ୍ଡା ଓ ୩ୟ କାଶିବାହଲ ଯୋଗ୍ୟ ବିବେଚିତ ହୋଇଥିଲେ। ମାଝିଗୁଡାର ପରମେଶ୍ୱର ପାଣିଗ୍ରାହୀ, ଅମର ଖମାରି, ଚିତ୍ରସେନ ନାଏକ, ରଣଜିତ ପୋଢ଼, ମଦନଲାଲ ନାଏକ, କିଶୋର ନାଏକ, ଲୋହିତ କୁମାର ନାଗ, ଭାଗୀରଥି ନାଗ, ରଣଜିତ ନାଏକ, ରାଜାରାମ ପାଣିଗ୍ରାହୀ, ଭୋଜରାଜ ଦୁର୍ଗା, ଚମ୍ପେଶ୍ୱର ନାଏକ ସହଯୋଗ କରିଥିଲେ। ଶହ ଶହ ସଂଖ୍ୟକ ଦର୍ଶକ ଶୀତୁଆ ରାତିରେ ଘୁମୁରା ପ୍ରତିଯୋଗିତା ଉପଭୋଗ କରିଥିଲେ।

# ଏକ୍ସପ୍ଲୋରେଶନ ଅଫ୍ ନେଚର କାର୍ଯ୍ୟକ୍ରମ

**ଭବାନୀପାଟଣା,୨୦।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟରେ ରବିବାର ସ୍ନାତକ ବିଭାଗ ଦ୍ୱାରା ପ୍ରକୃତିର ଅନୁସନ୍ଧାନ ବା ଏକ୍ସପ୍ଲୋରେସନ ଅଫ୍ ନେଚର ଟେକ୍ରିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାରିଙ୍ଗ ନିକଟସ୍ଥ କାନ୍ଦୁଲ ଡଙ୍ଗରରେ ଏହି ଅନୁଷ୍ଠାନର ବିବିଏ, ବିସିଏ, ବିଏସ୍‌ସି ଓ ବିଏସସି ନର୍ସିଂର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡି.ରାମ କୁମାରଙ୍କ ତତ୍ତ୍ୱାବଧାନରେ ସେମାନେ ପ୍ରକୃତିର ସୌନ୍ଦର୍ଯ୍ୟ ଅନୁସନ୍ଧାନ ଓ ଅନୁଭୂତି ଉପଲବ୍ଧି କରିଥିଲେ। ଶରୀରକୁ ସୁସ୍ଥ ରଖିବା ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଛାତ୍ରୀମାନେ ପାହାଡ ଚଢିବା କୌଶଳମାନ ଶିକ୍ଷା ଆହୋରଣ କରିଥିଲେ।



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ପ୍ରଶାସନର ସହାୟତା ଲୋଡ଼ିଲେ ୨ ଭଉଣୀ

- ମା'ଙ୍କୁ ହତ୍ୟା କରି ବାପା ଜେଲ୍‌ରେ
- ୨ ଝିଅ ବେସାହାରା
- ୩ ମାସ ହେଲା ଚାଉଳ ମିଳିନି
- ସ୍ମାର୍ଟ କାର୍ଡ କାମକୁ ଆସୁନି

**ନୂଆପଡ଼ା ଅଫିସ/ଖଡ଼ିଆଳ, ୨୦।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଟିଖିଗାଁରେ ସୁମିତ୍ରା ଦଳ ନାମକ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ତାଙ୍କ ସ୍ୱାମୀ ଚିତମନ ଦଳ, ଶ୍ୱଶୁର ଦ୍ରୋଣ ଓ ଶାଶୁ ପୁନେଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବାପା ଓ ଜେଜେମା'ଜେଜେବାପା ଜେଲ ଯିବା ପରେ ଏବେ ଅସହାୟ ହୋଇ ପଡିଛନ୍ତି ଚିତମନଙ୍କ ଦୁଇ ଝିଅ ଲକ୍ଷ୍ମୀ ଓ ଅଷ୍ଟମୀ। ସାନ ଭଉଣୀ ଅଷ୍ଟମୀ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଘର ସବୁ ଦାୟିତ୍ୱ ବଡ଼ ଭଉଣୀ ଲକ୍ଷ୍ମୀଙ୍କ ଉପରେ। ଘରେ ଯାହାକିଛି ଥିଲା କେଶ ଲଢ଼ି ସରିଯାଇଛି। ଏବେ ଖାଇବାକୁ ଚାଉଳ ମୁଠେ ମଧ୍ୟ ନାହିଁ। ଲକ୍ଷ୍ମୀ ମୂଳ ଲାଗି ପେଟକୁ ଦାନା ଯୋଗାଡ଼ କରୁଥିବା ବେଳେ ଏବେ ତାହା ମଧ୍ୟ ବନ୍ଦ ହୋଇଛି। ଫଳରେ ସବୁଦିନ ଖାଇବାକୁ ମିଳୁନାହିଁ ବୋଲି ଉଭୟେ କହିଛନ୍ତି। ମାସେ ତଳେ ଅଷ୍ଟମୀଙ୍କ ପେଟ ରୋଗ ବାହାରିଥିଲା। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଦେଖାଇ ଔଷଧ ଖାଇଲେ ମଧ୍ୟ କମିନାହିଁ। ଏବେ ପେଟ ବଢ଼ିବାକୁ ଲାଗୁଛି। ଟଙ୍କା ନ ଥିବାରୁ ଅଧିକ ଚିକିତ୍ସା କରି ହେଉନାହିଁ। ସ୍ମାର୍ଟ କାର୍ଡ ଥିଲେ ମଧ୍ୟ କାମକୁ ଆସୁନି। ସାନ ଭଉଣୀର ଦେଖାରେଖା କରିବା ପାଇଁ ଲକ୍ଷ୍ମୀ କୌଣସି କାମକୁ ଯାଇପାରୁନି, ଫଳରେ ଅଭାବରେ ରହିବାକୁ ବାଧ ହେଉଛନ୍ତି। ଏ ନେଇ ଖଡ଼ିଆଳ ଡାକ୍ତରଖାନାର ଇନଚାର୍ଜ ରଞ୍ଜିତ ରାଉତଙ୍କୁ ପଚାରିବାରୁ ଏକ ଡାକ୍ତରୀ ଦଳ ପଠାଇ ତଦନ୍ତ କରିବେ ଓ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବେ ବୋଲି କହିଛନ୍ତି। ତାଙ୍କର ପଡି କାର୍ଡ ଥିଲେ ମଧ ୩ ମାସ ହେଲା ଚାଉଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ମାଟି ଘର ଭାଙ୍ଗିବାକୁ ବସିଲାଣି। କାନ୍ଥରୁ ମାଟି ଖସି ପଡୁଛି। ଏବେ ତାଙ୍କ ପାଇଁ ଆହା ସାହା କେହି ନାହାନ୍ତି। ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଥିବା ବେଳେ ପ୍ରାପ୍ୟ ଖାଦ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି।



ଦୁଇ ଭଉଣୀ ଲକ୍ଷ୍ମୀ ଓ ଅଷ୍ଟମୀ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ
### ୧୦ ମାମଲା ରୁଜୁ, ୭ ଗିରଫ

**ପଦ୍ମପୁର,୨୦।୧୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ଦୃଷ୍ଟିରେ ରଖି ପଦ୍ମପୁର ଅବକାରୀ ବିଭାଗ ଓ ସମ୍ବଲପୁର ଭ୍ରାମ୍ୟମାଣ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଏହି କ୍ରମରେ ଅବକାରୀ ନିରୀକ୍ଷକ ସମରଜିତ ଦାଶଙ୍କ ନେତୃତ୍ୱରେ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗାଇସିଲେଟ, ପଦ୍ମପୁର, ଜଗଦଲପୁର, ଝାରବନ୍ଧ, ମେଲଛାମୁଣ୍ଡା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟ ୧୦ଟି ମାମଲା ରୁଜୁ କରିଛି। ଏହାସହ ଗନିଆପାଲିର ଉମାକାନ୍ତ ନେଲ, ଦିଲୀପ ରଣା, ବାଦିକଟାର ରାଜ କୁମାର ମଟାରୀ, ଲହଣ୍ଡିପୁରର ସୁରେଶ ସାହୁ, କେଲଣ୍ଡାର ଅଶ୍ୱିନୀ ଭୋଇ, ଝିମବାହାଲର ଦୀନବନ୍ଧୁ ପଧାନ, ଅମାମୁଣ୍ଡାର ଭୀଷ୍ମ ପଟେଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୧୩୫୪ ଲିଟର ଦେଶୀ ରନ୍ଧାମଦ, ୩୨୦୦ ଲିଟର ମହୁଲ ପୋଚ, ୨.୮୮୦ ବିଦେଶୀ ଅପମିଶ୍ରିତ ମଦ ଜବତ ହୋଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ



**ବରଗଡ଼ ଅଫିସ୍,୨୦।୧୧:** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାର ନିବାସୀ ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ବେଣୁଧର ମହାପାତ୍ରଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ଅମ୍ବାଭୋନା ବ୍ଲକ କୁଠାରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମହାପାତ୍ର ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରି ଜଣେ ଆଦର୍ଶ ଶିକ୍ଷକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଅବସର ଗ୍ରହଣ ପରେ ସେ କୋସଲ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ଜୀବନକାଳରେ ସମାଜସେବାରେ ନିଜକୁ ନିୟୋଜିତ କରିଥିବାବେଳେ ନିଗମାନନ୍ଦ ବିହାର ଉନ୍ନୟନ କମିଟି ସଭାପତି ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସମେତ ନିଗମାନନ୍ଦ ବିହାରବାସୀ ସ୍ୱର୍ଗତ ମହାପାତ୍ରଙ୍କ ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବାୟୋଫ୍ଲକ୍ ପଦ୍ଧତିରେ ଅଧିକ ମାଛ ଉତ୍ପାଦନ ସମ୍ଭବ

**ସୋନପୁର,୨୦।୧୧(ନି.ପ୍ର.)**

ନୂତନ ଜ୍ଞାନ କୌଶଳରେ ମାଛ ଚାଷ କରି ଉତ୍ପାଦନ ଦ୍ୱିଗୁଣିତ କରିବା ପାଇଁ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ ବିଭାଗ ଯୋଜନା କରିଛି। ଜିଲାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରୋଜଗାର ସୃଷ୍ଟି ତଥା ଯୁବ ଉଦ୍ୟୋଗୀମାନଙ୍କୁ ମାଛ ଚାଷ ପ୍ରତି ଆକୃଷ୍ଟ କରିବା ପାଇଁ ମତ୍ସ୍ୟ ବିଭାଗ ପଦକ୍ଷେପ ନେଉଛି। ବାୟୋଫ୍ଲକ(ଜୈବପୁଞ୍ଜ) ମାଧ୍ୟମରେ ମାଛ ଚାଷ ପାଇଁ ଜିଲାର ଅଗ୍ରଣୀ ମାଛ ଚାଷୀଙ୍କୁ ନେଇ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ରବିବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବାୟୋଫ୍ଲକ ମାଧ୍ୟମରେ ମାଛ ଚାଷ କରିବା କ୍ଷେତ୍ରରେ ଓଡିଶାରେ ବିଶେଷ ସୁନାମ ଅର୍ଜନ କରିଥିବା ତଥା ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ ଶିବିରରେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ। ବାୟୋଫ୍ଲକ ଏକ ଉନ୍ନତ ଜ୍ଞାନ କୌଶଳ ପଦ୍ଧତି। ଯେଉଁଥିରେ ଅଧିକ ପ୍ରାକୃତିକ ଜମି ଓ ଜଳ ସମ୍ପଦ ଉପଯୋଗ ନକରି ସୀମିତ ସ୍ଥାନରେ ସଘନ ମାଛ ଓ ଚିଙ୍ଗୁଡି ଉତ୍ପାଦନ କରାଯାଇ ପାରିବ ବୋଲି ଡ. ନାୟକ କହିଥିଲେ। ଏହି ପଦ୍ଧତିରେ ଗୋଲାକାର ବା ଆୟତାକାର କୁଣ୍ଡରେ ପ୍ରୋ-ବାୟୋଟିକ ପ୍ରୟୋଗ ଦ୍ୱାରା ଅବ୍ୟବହୃତ ଖାଦ୍ୟ ଓ ବର୍ଜ୍ୟବସ୍ତୁକୁ ପରିବର୍ତ୍ତିତ କରାଯାଇ ମାଛର ଖାଦ୍ୟ ରୂପେ ଉପଯୋଗ କରାଯାଏ। ସ୍ୱଚ୍ଛ ଜଳ ବିନିମୟ ଓ ନିରବଚ୍ଛିନ୍ନ ବାୟୁ ସଞ୍ଚାଳନ କରାଯାଉଥିବା ଯୋଗୁଁ ଏହି ପଦ୍ଧତିରେ ଅଧିକ ମାଛ ଓ ଚିଙ୍ଗୁଡି ଉତ୍ପାଦନ ସମ୍ଭବ ହୁଏ। ଏହା ଏକ ପରିବେଶ ଅନୁକୂଳ ଚାଷ ପଦ୍ଧତି ଯାହାକି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସୀମିତ ସ୍ଥାନରେ ଚାଷ କରାଯାଇ ପାରୁଛି। ୪୦୦୦ ବର୍ଗମିଟର ପରିମିତ ପୋଖରୀରେ ଯେତିକି ମାଛ ଉତ୍ପାଦନ ସମ୍ଭବ, ସେତିକି ମାଛ ମାତ୍ର ୧୦୦ରୁ ୧୫୦ ବର୍ଗମିଟର ଜମିରେ ୪ଟି ବାୟୋଫ୍ଲକ କୁଣ୍ଡରୁ ଉତ୍ପାଦନ ହୋଇପାରିବ ବୋଲି କହିଥିଲେ। ଡ. ନାୟକ ଚାଷୀଙ୍କୁ ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ ସମ୍ପର୍କରେ ବୁଝାଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ସଭାରେ ଅଧ୍ୟକ୍ଷତା କରି ଏହି ପଦ୍ଧତିରେ ଦୁଇଟି କୁଣ୍ଡରେ ମାଛ ଚାଷ କଲେ ଜଣେ ବ୍ୟକ୍ତି ନିଜର ପରିବାର ପ୍ରତିପୋଷଣ କରିପାରିବ ବୋଲି କହିଥିଲେ। ବଲାଙ୍ଗୀର ଜୋନ ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ନୀଳାମ୍ବର କିଲାକା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୟୋଫ୍ଲକ ପଦ୍ଧତିରେ ମାଛ ଚାଷ କଲେ କମ୍ ଖର୍ଚ୍ଚରେ ଅଧିକ ଲାଭ ମିଳିବ ବୋଲି କହିଥିଲେ। ଜିଲାବାସୀଙ୍କ ପାଇଁ ମାଛର ଚାହିଦା ଓ ଉତ୍ପାଦନ ସମ୍ପର୍କରେ କିଲାକା ଆଲୋଚନା କରିଥିଲେ। ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଶେଷ କୁମାର କର, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ଓ ସୋନପୁର ସହକାରୀ ମତ୍ସ୍ୟ ଅଧିକାରୀ ଡୁଙ୍ଗୁରୁ ନନ୍ଦ ମଞ୍ଚାସୀନ ରହି ମତ୍ସ୍ୟ ଚାଷ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ବିନିକା ସହକାରୀ ମତ୍ସ୍ୟ ଅଧିକାରୀ ସ୍ନିଗ୍ଧାରାଣୀ କହଁର ଧନ୍ୟବାଦ ଅର୍ପଣ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ବୈଜ୍ଞାନିକ ଓ ମତ୍ସ୍ୟ ବିଭାଗର ଅଧିକାରୀ।

# ପୋଷ୍ଟାଲ ବାଲଟ୍ ଅଧିକାରୀଙ୍କୁ ପ୍ରଶିକ୍ଷଣ


ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବାଲଟ୍ ଅଧିକାରୀଙ୍କ ପ୍ରଶିକ୍ଷଣ।

**ପଦ୍ମପୁର ଉପନିର୍ବାଚନ**

**ବରଗଡ଼ ଅଫିସ୍,୨୦।୧୧**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ପ୍ରଶାସନିକ ତତ୍ପରତା ଅନୁରୂପ ଭାବେ ବଢ଼ିଚାଲିଛି। ରବିବାର ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ପୋଷ୍ଟାଲ ବାଲଟ୍ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉପନିର୍ବାଚନ ପାଇଁ ନିୟୋଜିତ ସମସ୍ତ ମାଇକ୍ରୋ ପର୍ଯ୍ୟବେକ୍ଷକ, ପୋଷ୍ଟାଲ ବାଲଟ୍ ଅଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

# ଦୀପ୍ତିପୁରରେ ବିଜେଡି ବୈଠକ

**ପଦ୍ମପୁର,୨୦।୧୧(ଡି.ଏନ.ଏ.)**

ପଦ୍ମପୁର ଉପ ନିର୍ବାଚନ ପରିପ୍ରେକ୍ଷୀରେ ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦୀପ୍ତିପୁରଠାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ୧ ନଂ. ଜୋନ୍‌ସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ କିପରି ଅଧିକ ଭୋଟ୍‌ରେ ବିଜୟୀ ହେବେ ସେ ନେଇ ଉପସ୍ଥିତ ନେତୃମଣ୍ଡଳୀଙ୍କୁ ମନ୍ତ୍ରୀ ସ୍ୱାଇଁ ନିବେଦନ କରିଥିଲେ। ବୈଠକରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରୋହିତ ପୂଜାରୀ, ସମୀର ରଞ୍ଜନ ଦାଶ ବିଧାୟକ ପଦ୍ମନାଭ ବେହେରା, ଉମାକାନ୍ତ ସାମନ୍ତରାୟ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ନଳିନୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଥିଲେ।

# ପ୍ରତିଶ୍ରୁତି ପରେ ଧାରଣା ହଟିଲା


ପାଇକମାଳ ସମସ୍ୟା ସମାଧାନ ପାଇଁ ଆଲୋଚନା କରାଯାଉଛି।

**ପାଇକମାଳ,୨୦।୧୧(ଡି.ଏନ.ଏ.)**

ପାଇକମାଳ ପିଏଚ୍‌ସିକୁ ସିଏଚ୍‌ସି କରିବା ଏବଂ ପାଇକମାଳକୁ ଏନ୍‌ଏସି କରିବା ଦାବିରେ ସ୍ଥାନୀୟ ଜାଗରଣ ଯୁବକ ସଙ୍ଗଠନ ପକ୍ଷରୁ ୫ ଦିନ ହେଲା ପାଇକମାଳ ମୁଖ୍ୟ ଛକଠାରେ ଧାରଣା ଦିଆଯାଇଥିଲା। ଏହି ଧାରଣା ଚାଲିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଦିନ ପାଇକମାଳ ବନ୍ଦ ପାଳନ କରାଯାଇଥିଲା। ଦ୍ୱିତୀୟ ଦିନରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ରୋହିତ ପୂଜାରୀ ଧାରଣାସ୍ଥଳକୁ ଆସି ଆଲୋଚନା କରିଥିଲେ। ସେହିପରି ମନ୍ତ୍ରୀ ନିରଞ୍ଜନ ପୂଜାରୀ, ନବକିଶୋର ଦାସ, ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ଅରୁଣ ସାହୁ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଶନିବାର ରାତି ୮ଟାରେ ପାଇକମାଳ ନାଗରିକ କମିଟି, ବ୍ୟବସାୟୀ ସଂଘ ଓ ଜାଗରଣ ଯୁବକ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସଫଳ ନ ହେବାରୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଟୁକୁନି ସାହୁ, ନବକିଶୋର ଦାସ ଓ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ପୁଣି ରବିବାର ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାସହ ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତିନି ମାସ ମଧ୍ୟରେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଜାଗରଣ ଯୁବକ ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ବରପାଲିରେ ଚକ୍ଷୁ ଚିକିତ୍ସା ଶିବିର

**ବରପାଲି,୨୦।୧୧(ଡି.ଏନ.ଏ.)**

ବରପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି କମିଟି ସଭାପତି ରକ୍ଷାକରି ବିଶିଙ୍କ ସଭାପତିତ୍ୱରେ ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶଙ୍କ ଜୟନ୍ତୀ ପାଳିତ ହୋଇଛି। ତେଜରୁ ବାରିକଙ୍କ ସଂଯୋଜନା ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ବିଜୟ ପ୍ରକାଶ ବାବୁ ମୁଖ୍ୟଅତିଥି, ସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶ, ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ଯୁକ୍ତ ୨ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମେହେର ଉପସ୍ଥିତ ଥିଲେ। କରମ ଚାନ୍ଦ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ବିବରଣୀ ପଠନ କରିଥିଲେ। ଏ ଅବସରରେ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରଚାରକ ଶିବ ଶଙ୍କର ପୂଜାରୀ ଓ ଜିଲା ଯୁବ ରେଡକ୍ରସ ସଂଯୋଜକ ପରମାନନ୍ଦ ରଥଙ୍କୁ 'ସାହିତ୍ୟ ବନ୍ଧୁ ବୃନ୍ଦାବନ ବିହାରୀ ଦାଶ ସ୍ମୃତି ସମ୍ମାନ ୨୦୨୨' ପ୍ରଦାନ କରାଯାଇଥିଲା। ବରପାଲି ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଉଚ୍ଚ ବିଦ୍ୟାଳୟର ଛାତ୍ର ଆୟୁଷ ବଡ଼ପଣ୍ଡା ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ କ୍ରିଷ୍ଣା ଖମାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ରସାନନ୍ଦ ଥପା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ହସ୍ତ ତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଏବଂ ରାଜକିଶୋର ସାହୁ ରବିବାର ପଦ୍ମପୁରଠାରେ ରିଟର୍ନିଂ ଅଫିସରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ବୁକୁରାମୁଣ୍ଡାରେ ବିଜେଡିର ଆଶୀର୍ବାଦ ସମାବେଶ

**ପାଇକମାଳ,୨୦।୧୧(ଡି.ଏନ.ଏ.)**

ପାଇକମାଳ ଜୋନ-୩ ଅଧୀନ ବୁକୁରାମୁଣ୍ଡାଠାରେ ରବିବାର ବିଜେଡି ପକ୍ଷରୁ ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶରେ ବିଧାୟକ ଦିବ୍ୟଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଭାରେ ମନ୍ତ୍ରୀ ନବ କିଶୋର ଦାସ, ଅତନୁ ସବ୍ୟସାଚୀ ନାୟକ, ଟୁକୁନୀ ସାହୁ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ରଘୁନାଥ ପଡାଲ, ଜଗନ୍ନାଥ ନାୟକ, ଚନ୍ଦ୍ରଶେଖର ମାଝି, ସୁଶାନ୍ତ ରାଉତ, ସମାଜସେବୀ ଦୀପାଳି ଦାସ ପ୍ରମୁଖ ଯୋଗଦେଇ ପଦ୍ମପୁର ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ।

# ମିନିଟ୍ରକ ଆସୋସିଏଶନ ନୂତନ କର୍ମକର୍ତ୍ତା

**ଡୁଙ୍ଗୁରିପାଲି, ୨୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମିନି ଟ୍ରକ ଆସୋସିଏଶନର ଏକ ପ୍ରସ୍ତୁତି ବୈଠକ ରବିବାର ସାଲେଭଟା ଗାଇଖାଇରେ ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଗାଡ଼ି ମାଲିକ ଓ ଡ୍ରାଇଭର ସଦସ୍ୟ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ପ୍ରକାଶ କୁମାର ହାତୀ, ଉପସଭାପତି ପ୍ରମୋଦ କୁମାର ସାହୁ, ସହସମ୍ପାଦକ ଅବଧୂତ ମେହେର, କୋଷାଧ୍ୟକ୍ଷ ଦେବାନନ୍ଦ ବାଗ, ମୁକେଶ ବାରିକ, ଆଇନ ପରାମର୍ଶଦାତା ଭାବେ ସଞ୍ଜିତ କୁମାର ନାଏକ ମନୋନୀତ ହୋଇଛନ୍ତି। ସେହିପରି ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି। ଉକ୍ତ ବୈଠକରେ ସଂଘର ଉନ୍ନତିମୂଳକ କାମ ବିଷୟରେ ଆଲୋଚନା କରାଯାଇଥିଲା।

# ଆଜିଠୁ ଖରିଫ ଧାନକିଣା ଆରମ୍ଭ

**ବରଗଡ଼ ଅଫିସ୍,୨୦।୧୧**

- ୨୨୦ ମଣ୍ଡିରେ ଚାଲିବ ଧାନ ସଂଗ୍ରହ ପ୍ରକ୍ରିୟା
- ମଣ୍ଡି ଖୋଲିବା ପୂର୍ବରୁ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ବରଗଡ଼ ଜିଲାରେ ସୋମବାରଠାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଜିଲାର ୨୨୦ ମଣ୍ଡିରେ ଧାନ କିଣାବିକା ଚାଲିବ। ଏଥର ଜିଲାରେ ଧାନକ୍ରୟ ଲକ୍ଷ୍ୟ ୫୫ଲକ୍ଷ ୨୬ହଜାର ୯୧୧ କୁଇଣ୍ଟାଲ ରହିଛି। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ସ୍ୱୟଂ ସହାୟିକ ଗୋଷ୍ଠୀ (ଏସ୍ଏଚ୍‌ଜି) ଜରିଆରେ ଯୋଗାଣ ନିଗମ କିଣିବ। ଧାନ ସଂଗ୍ରହ ପ୍ରକ୍ରିୟାରେ ଏଥର ୧୧୨ ମିଲର୍ସ ସାମିଲ ହେବେ ଏବଂ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୭୦ହଜାର ୫୫୭ ଟୋକନ ରିଲିଜ୍ ହୋଇଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବହିତ ପୂର୍ବରୁ ଶନିବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପରିସରରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଭାରପ୍ରାପ୍ତ ଆର୍‌ଏମ୍‌ସି ସମ୍ପାଦକ ସଦାକର କୁମ୍ଭାର, ଦୁର୍ଗାପ୍ରସାଦ ଛୁରିଆ, ସହକାରୀ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନା କର୍ଣ୍ଣଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ କର୍ମଚାରୀ, ଏସ୍ଏଚ୍‌ଜି ମହିଳାଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ଚାଷୀ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।


ଧାନ କିଣାବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟମାନେ।

# ବୀରମହାରାଜପୁର କପ୍ ହକି: ସିଣ୍ଟୋଲ ଚାମ୍ପିୟନ

**ଅମରପାଲି,୨୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ରବିବାର ଏକଦିବସୀୟ ବୀରମହାରାଜପୁର କପ ହକି ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଗିନ୍ଦିଲାମାଲକୁ ହରାଇ ସିଣ୍ଟୋଲ ଚାମ୍ପିୟନ ହୋଇଛି। ବୀରମହାରାଜପୁର ରାଜସ୍ୱ ଅଧିକାରୀ ଅଜିତ କୁମାର ମିର୍ଦ୍ଧା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ ଗିନ୍ଦିଲାମାଲ ଓ ଜଉଁରାଭଉଁରା ମଧ୍ୟରେ ହୋଇଥିଲା। ଏଥିରେ ଗିନ୍ଦିଲାମାଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଏସ.ପତ୍ରାପାଲି ଓ ସିଣ୍ଟୋଲ ମଧ୍ୟରେ ହୋଇଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକର ୪-୩ ଗୋଲର ସିଣ୍ଟୋଲ ବିଜୟୀ ହୋଇଥିଲା। ତୃତୀତ ମ୍ୟାଚ ଗୋବିନ୍ଦପୁର ଓ ସରଧାପାଲି(ହୋତାପାଲି)ମଧ୍ୟରେ ହୋଇଥିଲା। ଗୋବିନ୍ଦପୁର ୧-୦ଗୋଲରେ ବିଜୟୀ ହୋଇଥିଲା। ସିଣ୍ଟୋଲ ଓ ଗୋବିନ୍ଦପୁର ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଗୋବିନ୍ଦପୁର ୧-୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲ। ଫାଇନାଲ ମ୍ୟଚ ସିଣ୍ଟୋଲ ଓ ଗିନ୍ଦିଲାମାଲ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇ ଥିଲା। ଏଥିରେ ସିଣ୍ଟୋଲ ୩-୨ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସତ୍ୟବାନ ପୁରୋହିତ ପୌରୋହିତ୍ୟ କରିଥିଲେ। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ମୁଖ୍ୟ ଅତିଥି, କ୍ରୀଡା ସଂଗଠକ ପ୍ରମୋଦ ପଧାନ, କ୍ରୀଡା ଅଧ୍ୟାପକ ନରେନ୍ଦ୍ର ଚାନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ନିଲ କମଳ ମିଶ୍ର ସ୍ୱାଗତ ଭାଷଣ, ସତ୍ୟବ୍ରତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ କ୍ରୀଡା ସଙ୍ଗଠକ ପ୍ରମୋଦ ପ୍ରଧାନ ଓ ଯୁବ କ୍ରୀଡାବିତ ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗିନ୍ଦିଲାମାଲର ଗାବ୍ରିଏଲ ପୁଛିଙ୍କୁ ଶ୍ରେଷ୍ଠ ସ୍କୋରର, ସିଣ୍ଟୋଲର ଅଜୟ ଲୁଗୁନଙ୍କୁ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ ଗୁଡିକରେ ସୁବାଶ ବାର୍ଲା, ଯୋଗଲ ଆଏନ୍ଦ ଓ ବୁଆସ ଗୁଡିଆ ରେଫରି ଏବଂ କିଶୋର ହୋତା ଓ ଜୁଶବ ଲାକ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁନାମେଣ୍ଟ ପରିଚାଳନାରେ ସୁବର୍ଣ୍ଣପୁର ଜିଲା ହକି ଆସୋସିଏଶନ ଓ ବଜରଙ୍ଗ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।


ଅତିଥିଙ୍କ ସହିତ ଚାମ୍ପିୟନ ଦଳର ଖେଳାଳିମାନେ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ଼ ଥାନା ଅନ୍ତର୍ଗତ ସିରୋଲ ନିକଟରେ ରବିବାର ଅପରାହ୍ନରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଚଲକି ଗାଁର ମୋହନ ମାଝି। ମୋହନଙ୍କ ସହ ଥିବା ନେପାଳ ମାଝି ଏବଂ ଅନ୍ୟ ଏକ ବାଇକ ରେ ଥିବା ଦୁଇ ଆରୋହୀ ମଧ ଗୁରୁତର ଆହତ ହୋଇଛନ୍ତି। ତିନି ଆହତଙ୍କୁ ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଚାଲାଣ ବେଳେ ୫ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ,୨୦।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ମାଟିଖାଇ ଛକରୁ ପୋଲିସ ଚଢାଉ କରି ୫ଜଣ ଦାଦନ ଶ୍ରମିକଙ୍କୁ ରବିବାର ସକାଳେ ଉଦ୍ଧାର କରିଛି। ଗମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ ମାଟିଖାଇ ଗାଁର ସମ୍ପୃକ୍ତ ଶ୍ରମିକମାନଙ୍କୁ ତାମିଲନାଡୁ ପଠାଯାଉଥିଲା। ଏକ ଯାତ୍ରୀବାହୀ ବସ୍‌ରେ ସେମାନେ ବଲାଙ୍ଗୀର ଯାଇ ସେଠାରୁ ରେଲଯୋଗେ ତାମିଲନାଡୁ ଯାଇଥାନ୍ତେ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୯୪/୨୨)ରୁଜୁ ହୋଇଛି। ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଛି। ମଧ୍ୟସ୍ଥ ଅଜିତ ସୁନା(୨୫)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ମଧୁମେହ ପରୀକ୍ଷଣ ଶିବିର

ଟିଟିଲାଗଡ଼,୨୦।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଲାୟନ୍ସ କ୍ଲବ ପକ୍ଷରୁ ୫ଦିନ ଧରି ଚାଲିଥିବା ମଧୁମେହ ପରୀକ୍ଷଣ ତଥା ପରାମର୍ଶ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଦିବସରେ ସହରର ରେଲୱେ ଷ୍ଟେଶନ, ଡାକ୍ତରଖାନା, ଷ୍ଟେଟବ୍ୟାଙ୍କ, ଥାନା ସମ୍ମୁଖ, ହାଟପଦା ବଜାର ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ଏନେଇ ଶିବିର ଆୟୋଜିତ ହୋଇଥିଲା। ଏକ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଏଥିରୁ ଲାଭାନ୍ୱିତ ହୋଇଥିଲେ। ଲାୟନ୍ସ କ୍ଲବ ସଭାପତି ଲିଙ୍ଗରାଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରକଳ୍ପ ଅଧକ୍ଷ ସନ୍ତୋଷ ମହାନ୍ତି, ସଞ୍ଜୟ ସୋନି, ସଞ୍ଜୟ ନାୟକ, ଦୀପକ ପୃଷ୍ଟି, ଆଶୀର୍ବାଦ ମହାପାତ୍ର, ଈଶ୍ୱର ଜୈନ, ଡା. ନରେନ୍ଦ୍ର ଅଗ୍ରୱାଲ ଏଥିରେ ସହଯୋଗ କରିଥିଲେ।

### ରାସ୍ତା ପ୍ରଶସ୍ତୀକରଣ କାମ ନିମ୍ନମାନର ଅଭିଯୋଗ

ଲୋଇସିଂହା,୨୦।୧୧(ଡି.ଏନ.ଏ): ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ପିଚୁ ରାସ୍ତାର ଉଭୟପଟରେ ୬ ଫୁଟ ଚଉଡା କରାଯାଉଛି। ତା ବାହାରେ ଡ୍ରେନ କାମ ହେଉଛି। ବଲାଙ୍ଗୀର-ଶଙ୍କରବୁଜି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣର ଡବଲ କୋଟ ହେଲାଣି। ଲୋଇସିଂହା ପୋଲରୁ ବୁର୍ଡାଛକ ପର୍ଯ୍ୟନ୍ତ ପ୍ରଶସ୍ତିକରଣ କାମର ମେଟାଲିଂ ଉପରେ ପିଚୁ ଲଗା ଚିପ୍‌ସ ଢଳାଇ କରାଯାଉଛି। ଏପଟେ କାମ ଚାଲିଥିବାବେଳେ ସେପଟେ ଚିପସ ଉଠୁଛି। ଏଥିସହ ରାସ୍ତାପାର୍ଶ୍ୱ ନିର୍ମାଣାଧୀନ ଡ୍ରେନ କାମରେ ଅନିୟମିତତା କରାଯାଉଛି। ସିମେଣ୍ଟ ଓ ବାଲିର ମିଶ୍ରଣ ଠିକ୍ ରହୁ ନ ଥିବାରୁ ଅନେକ ଜାଗାରେ ଗେଟି ଦେଖାଯାଉଛି। ବୁର୍ଡା-ନଅଗାଁ(ଖ) ଛକ ନିକଟରେ ପାଇପ ଲାଇନ ଉପରେ ଡ୍ରେନ କରାଯାଇଛି। କୌଣସି ଅସୁବିଧା ହେଲେ ଜଳ ଯୋଗାଣରେ ଅସୁବିଧା ଆଶଙ୍କା ପାଇଛି। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ରାସ୍ତାରୁ ପିଚୁ ଉଠି ଯାଇଛି।

# ଭାଷା, ସଂସ୍କୃତିର ସୁରକ୍ଷା କବି, ସାମ୍ବାଦିକଙ୍କ ଦାୟିତ୍ୱ

## ତହଁକ୍ କୁଟୁମ୍ ପକ୍ଷରୁ ଭାବର୍ ଭେଟ୍ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୨୦।୧୧

ତହଁକ୍ ସାହିତ୍ୟ କୁଟୁମ୍ ପକ୍ଷରୁ ଭାବର ତିହାର ୨୦୨୨ ସ୍ଥାନୀୟ ପଥରଚେପା ସ୍ଥିତ ପଞ୍ଚବଟୀ ଉଦ୍ୟାନ ଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଭାବର ଭେଟ୍‌ଘାଟ କାର୍ଯ୍ୟକ୍ରମ ଓ ଭାବ ବିନିମୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯକ୍ରମରେ ସଂସ୍କୃତି ପ୍ରେମୀ ଓ ସଙ୍ଗଠକ ଅରୁଣ ମିଶ୍ର, କୋଶଲୀ ଭାଷା, ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀ, କୋଶଳ ପ୍ରବାହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ମୁକେଶ ବହିଦାର, ବିଭୁକଲ୍ୟାଣ ଗଡତ୍ୟା, ପ୍ରଶାନ୍ତ ମହାକୁର, ପ୍ରଦୀପ୍ତ ମିଶ୍ର, କବି ନିରଞ୍ଜନ ପଣ୍ଡା ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନିଜ ଭାଷା ଓ ସଂସ୍କୃତିର ମୌଳିକତା ସୁରକ୍ଷା ଦିଗରେ କବି, ଲେଖକ ଏବଂ ସାମ୍ବାଦିକଙ୍କ ଭୂମିକା ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ନିଜେ ନିଜର ଭାଷା ଓ ସଂସ୍କୃତିକୁ ସମ୍ମାନ ନ ଜଣାଇଲେ ଅନ୍ୟମାନେ ଆମକୁ ସମ୍ମାନ ଜଣାଇବେ ନାହିଁ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ କୁଳମଣି ମିଶ୍ର, ଗଣମାଧ୍ୟମ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜୀବ କୁମାର ଷଡଙ୍ଗୀ ଏବଂ ବୀରେନ୍ଦ୍ର କୁମାର ଝାଙ୍କରଙ୍କୁ ସମ୍ମାନିତ କରାଯାଇଥିଲା। ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ସ୍ୱାଗତ ଭାଷଣ ଦେଇଥିଲେ ଏବଂ କବି ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଦିଲ୍ଲୀପ ମିଶ୍ର ଓ ଦେବେନ୍ଦ୍ର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବଲାଙ୍ଗୀର, ବରଗଡ ଏବଂ ସୁବର୍ଣ୍ଣପୁର ଜିଲାର ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉମେଶ ବିଶ୍ୱାଳ, କୁମରମଣି ସାହୁ, ଦେବେନ୍ଦ୍ର ନାଏକ, ସୌକିଲାଲ୍ ସାହୁ, ଶାନ୍ତନୁ ପଣ୍ଡା ସହଯୋଗ କରିଥିଲେ। ଶେଷରେ କବି ଶ୍ରୀୟାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଗୋବିନ୍ଦ ସରାଫ ନୃତ୍ୟ ପରିବେଷଣ କରିଥିଲେ।


ତହଁକ୍ କୁଟମ ପକ୍ଷରୁ ଭାବର ଭେଟ୍ କାର୍ଯ୍ୟକ୍ରମରେ ଉପସ୍ଥିତି କବି, ଲେଖକ।

# ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ସଂପାନ


ଅତିଥିମାନେ ପୁସ୍ତକର ଲୋକାର୍ପଣ କରୁଛନ୍ତି।

ଟିଟିଲାଗଡ଼, ୨୦।୧୧(ଡି.ଏନ.ଏ.)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାହିତ୍ୟ ସଂସ୍କୃତି ଟିଟିଲାଗଡର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଲଳିତ ନିବନ୍ଧ ସାହିତ୍ୟ ସଂପାନ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡିଶା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଫେସର ଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂପାନ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କେନ୍ଦୁଝରର ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ଡଃ ବବ୍ରୁବାହାନ ମହାପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ ଓ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ଗୋବର୍ଦ୍ଧନ ସାହୁ। ସାହିତ୍ୟ ସଂସ୍କୃତି ଟିଟିଲାଗଡର ସଭାପତି ଡଃ ଛାୟାକାନ୍ତ ଷଡଙ୍ଗୀ ସ୍ୱାଗତ ଭାଷଣ, ଉପସଭାପତି ଡଃ ଯୁଗଳ କିଶୋର ଷଡଙ୍ଗୀ ସଂପାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପଦେଷ୍ଟା ରାଜୀବ ଲୋଚନ ପାଢୀ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଡଃ ଗୋବର୍ଦ୍ଧନ ସାହୁଙ୍କ ଇଂରାଜୀ ଉପନ୍ୟାସ 'ଷ୍ଟୋରି ଅନକନଫେସଡ', ସେବକ ଚରଣ ଦାଶଙ୍କ କବିତା ସଂକଳନ 'ଯଥା ସର୍ବସ୍ୱ' ଓ ଡଃ ଛାୟାକାନ୍ତ ଷଡଙ୍ଗୀଙ୍କ ପ୍ରବନ୍ଧ ସଂକଳନ 'ସାହିତ୍ୟ ବିମର୍ଶ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଜଗନ୍ନାଥ ପଣ୍ଡା, ବନମାଳୀ ଦାଶ, ରାଜମଣୀ ସାହୁ, କିଶୋର ମହାପାତ୍ର, ଅଖଳ ପଣ୍ଡା, ଘନଶ୍ୟାମ ଅଗ୍ରୱାଲ, ଡା. ଘନଶ୍ୟାମ ଜୈନ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ପାଦକ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ଶିକ୍ଷକ ଗଣେଶ୍ୱର ମହାନ୍ତିଙ୍କୁ ଭେଟିଲେ ନରସିଂହ

ବଲାଙ୍ଗୀର ଅଫିସ, ୨୦।୧୧

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ଗଣେଶ୍ୱର ମହାନ୍ତି (୯୪)ଙ୍କୁ ତାଙ୍କ ତୁଳସୀନଗର ବାସଭବନରେ ବିଧାୟକ ନରସିଂହ ମିଶ୍ର ସୌଜନ୍ୟମୂଳକ ସାକ୍ଷାତ୍ କରି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କିଛିଦିନ ତଳେ ହୃଦ୍ ସମସ୍ୟା ଦେଖା ଦେବା ପରେ ତାଙ୍କୁ ଭିମାସାରରେ ଚିକିତ୍ସା କରାଯାଇ ଘରକୁ ଅଣାଯାଇଛି। ୧୯୫୪ ମସିହାରେ ବଲାଙ୍ଗୀର ନିକଟସ୍ଥ ମଲମଣ୍ଡା ବେସିକ୍ ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିବା ମହାନ୍ତି ବଲାଙ୍ଗୀର ଏମଇ ସ୍କୁଲରେ ଦୀର୍ଘବର୍ଷ ଧରି ଶିକ୍ଷକତା କରି ସହସ୍ରାଧିକ ଛାତ୍ରୀଛାତ୍ରଙ୍କୁ ଗଢ଼ିଛନ୍ତି। ଶିକ୍ଷକତାରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ରାଜ୍ୟପାଳ ପୁରସ୍କାର ଗହଣ କରିଥିଲେ। ବିଧାୟକ ମିଶ୍ର ତାଙ୍କ ପୁରୁଣା ସ୍ମୃତି ଏବଂ ଫଟୋ ଦେଖିଥିଲେ। ବିଧାୟକ ମିଶ୍ରଙ୍କ ସାକ୍ଷାତ ସମୟରେ ଅବସରପ୍ରାପ୍ତ ଶିକ୍ଷକ ମହାନ୍ତିଙ୍କ ସ୍ତ୍ରୀ କାନନବାଳା ମହାନ୍ତି, ସାନପୁଅ ସୁନୀଲ କୁମାର ମହାନ୍ତି, ବୋହୂ ସବିତା ପଟ୍ଟନାୟକ ଉପସ୍ଥିତ ଥିଲେ।


ବିଧାୟକ ନରସିଂହ ମିଶ୍ର ଗଣେଶ୍ୱର ମହାନ୍ତିଙ୍କ ସହ ଆଲୋଚନା କରୁଛନ୍ତି।

# ଦୂଷିତ ପାନୀୟ ଜଳ ଯୋଗାଣ ଅଭିଯୋଗ

ଲାଠୋର, ୨୦।୧୧(ଡି.ଏନ.ଏ.)]

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳ ପ୍ରକଳ୍ପରୁ ଯୋଗାଣ ହେଉଥିବା ଜଳର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଆବଶ୍ୟକ ରକ୍ଷଣାବେକ୍ଷଣ ଏବଂ ଅବହେଳା କାରଣରୁ ବର୍ଷବର୍ଷ ଧରି ପାଇପ ବଦଳା ଯାଉନାହିଁ। ଫାଟି ଯାଇଥିବା ପାଇପ ବଦଳା ଯାଉ ନ ଥିବାରୁ ଏହା ମଧ୍ୟଦେଇ ବାହାରର ଦୂଷିତ ଜଳ ପାଇପରେ ପଶି ଯାଉଛି। ସେହି ପାଣି ଲୋକଙ୍କ ପାଖରେ ପହଞ୍ଚୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁସାରେ ଦୁଇ ବର୍ଷ ତଳେ ଲାଠୋର ଥାନା ନିକଟରେ ଥିବା ଏକ ଗ୍ୟାରେଜ ପାର୍ଶ୍ୱରେ ଜଳଯୋଗାଣ ମୁଖ୍ୟ ପାଇପ ଫାଟି ପାଣି ଲିକ୍ କରୁଥିଲା। ଲୋକଙ୍କ ଅଭିଯୋଗକ୍ରମେ ଲିକ କରୁଥିବା ସ୍ଥାନରେ ପ୍ରାୟ ୪ଫୁଟର ଗାତ ଖୋଳି ପାଇପ ମରାମତି କରା ଯାଇଥିଲା। ହେଲେ ମରାମତି ପରେ ଗାତକୁ ପୋତା ଯାଇ ନ ଥିଲା। ଫଳରେ ଅସୁରକ୍ଷିତ ଅବସ୍ଥାରେ ରହିଥିବା ସେହି ପାଇପ ଧିରେ ଧିରେ ଆହୁରି ଫାଟି ବଡ଼ ଗାତ ସୃଷ୍ଟି କରିଛି। ଗାତର ଚାରିଆଡ଼େ ଅନାବନା ଗଛଲତା ଉଠି ମଇଳା ଆବର୍ଜନା ପାଣି ଜମା ହୋଇ ରହୁଛି। ଜଳଯୋଗାଣ ସମୟରେ ସେଠାରେ ଜମା ହୋଇଥିବା ଆବର୍ଜନା ଦୂଷିତ ଜଳ ପାଇପ ମଧ୍ୟକୁ ପଶୁଛି। ଦୂଷିତ ଜଳକୁ ପାନୀୟ ରୂପେ ବ୍ୟବହାର କରୁଥିବା ଯୋଗୁଁ ବିଭିନ୍ନ ସମୟରେ ଲୋକେ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୀର୍ଘଦିନରୁ ପାଇପର ମରାମତି ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାନ୍ତି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନଙ୍କୁ ପଚାରିବାରୁ ସରପଞ୍ଚଙ୍କ ସହ ଯୋଗାଯୋଗ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସାଧାରଣ ଲୋକଙ୍କ ସ୍ୱାର୍ଥଦୃଷ୍ଟିରୁ ଅବିଳମ୍ବେ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

# ବ୍ଲକ କଳାକାର ସଂଘର ବୈଠକ

ଦେଓଗାଁ, ୨୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ନିକଟରେ ରବିବାର ବ୍ଲକ କଳା ସଂସ୍କୃତି ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ବ୍ଲକର ସ୍ୱର୍ଗତ କଳକାରମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁଙ୍କ ସଭାପତିତ୍ୱ ଓ ଶରତ କୁମାର ପୁଟେଲଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବରିଷ୍ଠ କଳାକାର ହରିହର ବରଗଡ଼ି, ଶମ୍ଭୁ ଭୂଷଣ ବାଗ, ଉପେନ୍ଦ୍ର ରଣା, ଶ୍ରୀବଚ୍ଛ ସାହୁ, ମହାଦେବ ମେହେର, ବିଭୁଚରଣ ରଣା, ଭୀମ ସାଗର, ଗୌରଚନ୍ଦ୍ର ସାହୁ, ବୃଷଭ ସାମଲ, ସତ୍ୟନାରାୟଣ ନନ୍ଦ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ କଳାକାରମାନଙ୍କୁ ପରିଚୟ ପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବରିଷ୍ଠ କଳାକାରମାନଙ୍କୁ ଦିଆଯାଉଥିବା ସରକାରୀ ଭତ୍ତା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏହା ସହ ବ୍ଲକ ମୁଖ୍ୟାଳୟରେ କଳାକାରମାନଙ୍କ ପାଇଁ ବୈଠକ ଗୃହ ନିର୍ମାଣ ଦାବି ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ କଳାକାର ଗଣ୍ଡାରାମ କପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ବୈଷୟିକ କମିଟି ବୈଠକ


ସହାୟତା ରାଶି ବାବଦ ଚେକ ପ୍ରଦାନ କରାଯାଉଛି।

## ଜୈବିକ ସାର ପ୍ରସ୍ତୁତି ପାଇଁ ୫ଟି ଦଳକୁ ଚେକ୍ ପ୍ରଦାନ

ଖପ୍ରାଖୋଲ, ୨୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହରେ କୃଷି ସମ୍ବନ୍ଧୀୟ ବ୍ଲକସ୍ତରୀୟ ବୈଷୟିକ କମିଟି ବୈଠକ ବିଡିଓ ରଶ୍ମିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର କୃଷି ସମ୍ବନ୍ଧୀୟ ବିବରଣୀ ପଠନ କରିଥିଲେ। ଉଦ୍ୟାନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ନିରନ୍ତର କୃଷି, ସମନ୍ୱିତ କୃଷି ଯୋଜନା, ମିଶନ ଶକ୍ତି, ଓଏଲଏମ, ମତ୍ସ୍ୟ ସମ୍ପଦ ବିଭାଗ ତରଫରୁ ନିଜର ଅଗ୍ରଗତି ଉପସ୍ଥାପନା କରାଯାଇଥିଲା। ଆଗାମୀ ରବି ଫସଲ ସହ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ସମନ୍ୱିତ କୃଷି ଯୋଜନାରେ ଚିହ୍ନଟ ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜୈବିକ ସାର ଓ କୀଟନାଶକ ପ୍ରସ୍ତୁତି ପାଇଁ ୫୦ ହଜାର ଲେଖାଏର ଚେକ୍‌ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ସୁଜିତ ଭୋଇ, ବିଡିଓ ଡା. ସ୍ୱପ୍ନେଶ୍ୱର ନାଏକ, ସହକାରୀ କୃଷି ଉଦ୍ୟାନ ଅଧିକାରୀ ଜିନିତା ବରୁଆ, ଅଭୟ ତ୍ରିପାଠୀ, ବିପିଏମ ମନୋଜ କେରକେଟା, ବିପିସି ଲକ୍ଷ୍ମୀ ନାରାୟଣ ବିଶି, କବିଶ ଅଗସ୍ତି, ସୁରେଶ ବେହେରା, ଉମେଶ ଗୁପ୍ତା, ସନ୍ଦୀପ ବାରିକ, ଏଟିଏମ ମାନସ ଖମାରୀ, ପରେଶ ମେହେର ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା


ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡାରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଦେଓଗାଁ, ୨୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଦର ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଲମ୍ବୋଦର ମନହୀରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥି ପରିଚାଳନା ଉପସଭାପତି ଚାପ ବରଗଡ଼ି, ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାରୀରିକ ପ୍ରମୁଖ କୁନୁ ସାହୁ ବୃତ୍ତ କଥନ ଓ କ୍ରୀଡା ପରିଚାଳନା କରିଥିଲେ। ଶିଶୁ, ବାଳ ଓ କିଶୋର ବର୍ଗରେ ୨୮୦ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଭାଗ ନେଇଥିଲେ। ସ୍ୱାଧିନ ତାଣ୍ଡି, ଦେବକୀରାଣୀ ସୁନା ସର୍ବଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ।

# ଲୋଇସିଂହା କପ୍-୨୨: ବଲାଙ୍ଗୀର ସିସିଏଫଏ ଚାମ୍ପିୟନ

ଲୋଇସିଂହା,୨୦।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ଓ ଆଥଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଚାଲିଥିବା ୧୫ତମ ଲୋଇସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଲୋଇସିଂହା ଏପିଜେ ଓ ବଲାଙ୍ଗୀର ସିସିଏଫଏ ମଧ୍ୟରେ ହୋଇଥିଲା। ଏଥିରେ ୩-୦ଗୋଲରେ ଲୋଇସିଂହାକୁ ହରାଇ ବଲାଙ୍ଗୀର ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ସ୍କୋର କରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ବଲାଙ୍ଗୀର ସିସିଏଫଏ ପ୍ରଭାବୀ ଖେଳ ପ୍ରଦର୍ଶନ କରି ୧୦ମିନିଟ ମଧ୍ୟରେ ୩ଟି ଗୋଲ ସ୍କୋର କରି ବିଜୟୀ ହୋଇ ଲୋଇସିଂହା କପ-୨୨ ଚାମ୍ପିୟନ ହୋଇଛି। ଦେବାଶିଷ ବାରିକ, କରୁଣାକର ପଧାନ, ଶ୍ରବଣ କୁମାର ବାଗ ଓ ଗୋପାଳ ପଧାନ ଖେଳ ପରିଚାଳନା କରିଥିଲେ। ସଦୟ ବାରିକ ଓ ବିଜୟ ରଣା ମ୍ୟାଚ କମିଶନର ନିଯୁକ୍ତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତିନ୍ଦ୍ର ପଟେଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୨୦ ଟଙ୍କା ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ ଅତିଥି। ସମ୍ପାଦିକା ସ୍ମିତା ମିଶ୍ର, ପୂର୍ବତନ ସମ୍ପାଦିକା ଶୋଭାରାଣୀ ପଟ୍ଟନାୟକ, ବିଭୂତିଭୂଷଣ ସାହଣୀ ଉପସ୍ଥିତ ଥିଲେ। ସରୋଜ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ ଓ ପୁରସ୍କାର ବିତରଣୀ ଉତ୍ସବକୁ ସଂଯୋଜନ କରିଥିଲେ।


ଚାମ୍ପିୟନ ଦଳ ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

## ଟିଟିଲାଗଡ଼ ଜିଲା ଦାବିନେଇ କ୍ରିୟାନୁଷ୍ଠାନ କମିଟି ବୈଠକ

ଟିଟିଲାଗଡ଼,୨୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼କୁ ଜିଲା ଦାବି ନେଇ ଓକିଲ ସଂଘ ସଭାଗୃହରେ ଜିଲା କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଓକିଲ ସଂଘ ସଭାପତି ସଞ୍ଜୟ ବେହେରା ବୈଠକର ସଭାପତିତ୍ୱ କରିଥିଲେ। ବୈଠକରେ ଯୋଗଦେଇଥିବା ସମସ୍ତ ସାମାଜିକ ଓ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇ ଜିଲା ଦାବି ପ୍ରତି ସମର୍ଥନ ଥିବା ଜଣାଇଥିଲେ। ଏଥର ଆନ୍ଦୋଳନକୁ ପୂର୍ଣ୍ଣ ରୂପ ଦେବା ଓ ଦାବି ହାସଲ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସମସ୍ତେ ମତ ରଖିଥିଲେ। ଏହି ଆନ୍ଦୋଳନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଜରିଆରେ ଲଢ଼ା ଯାଇଥିଲା। ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଜିଲା ଦାବି ଆନ୍ଦୋଳନ ସେତେବେଳେ ସ୍ଥଗିତ ରହିଥିଲା। ଆଗାମୀ ଦିନରେ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ପନ୍ଥା ସ୍ଥିର କଲେ ସମସ୍ତ ସଂସ୍ଥା ସହଯୋଗ କରିବେ। କ୍ରିୟାନୁଷ୍ଠନ କମିଟି ଏକ ହାଇ ପାୱାର କମିଟି ଗଠନ କରି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବେ ଓ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇ ଦେବେ। ପରେ ନୂତନ କାର୍ଯପନ୍ଥା ନିର୍ଦ୍ଧାରିତ କରାଯିବ ବୋଲି ସମସ୍ତେ ଏକମତ ଦେଇଥିଲେ। ଟିଟିଲାଗଡ଼ ଜିଲା ଗଠନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ମତପ୍ରକାଶ ପାଇଥିଲା। ଏହି ବୈଠକରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂହ ଭୋଇ, ପୌରାଧକ୍ଷା ମମତାଦେବୀ ଜୈନ, ଉପାଧ୍ୟକ୍ଷ ପୁଷ୍ପମଞ୍ଜରି ଜାଲ, ବିଶ୍ୱରାମ ଠାକୁର, ଭବାନୀ ପ୍ରସାଦ ହୋତା, ମମତାଜ ଖାନ, ପ୍ରଶାନ୍ତ ଷଡ଼ଙ୍ଗୀ, ସନ୍ତୋଷ ପ୍ରଧାନ, ଦେବାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ସାହୁ, ମହେଶ ମହାନ୍ତି, ଶମ୍ଭୁ ଗୋଏଲ, ପ୍ରମୋଦ ପ୍ରଧାନ, ବାଲକୃଷ୍ଣ ସାଣ୍ଡ, ପ୍ରମୋଦ ସରାଫ, ଅଞ୍ଜଳି ବେହେରା ପ୍ରମୁଖ ମତ ରଖିଥିଲେ।


ପୂର୍ବତନ ବିଧାୟକ ନିଜ ମତାମତ ରଖୁଛନ୍ତି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ଼ ଥାନା ଅନ୍ତର୍ଗତ ସିରୋଲ ନିକଟରେ ରବିବାର ଅପରାହ୍ଣରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଚଲକି ଗାଁର ମୋହନ ମାଝି। ମୋହନଙ୍କ ସହ ଥିବା ନେପାଳ ମାଝି ଏବଂ ଅନ୍ୟ ଏକ ବାଇକ ରେ ଥିବା ଦୁଇ ଆରୋହୀ ମଧ ଗୁରୁତର ଆହତ ହୋଇଛନ୍ତି। ତିନି ଆହତଙ୍କୁ ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲୁ ସ୍ଥାନାନ୍ତର କରାଯାଇଛି।

**ସଂକ୍ଷେପରେ**

### ଚାଲାଣ ବେଳେ ୫ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୨୦।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ମାଟିଖାଇ ଛକରୁ ପୋଲିସ ଚଢାଉ କରି ୫ଜଣ ଦାଦନ ଶ୍ରମିକଙ୍କୁ ରବିବାର ସକାଳେ ଉଦ୍ଧାର କରିଛି। ଗମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ ମାଟିଖାଇ ଗାଁର ସମ୍ପୃକ୍ତ ଶ୍ରମିକମାନଙ୍କୁ ତାମିଲନାଡୁ ପଠାଯାଉଥିଲା। ଏକ ଯାତ୍ରୀବାହୀ ବସ୍‌ରେ ସେମାନେ ବଲାଙ୍ଗୀର ଯାଇ ସେଠାରୁ ରେଳଯୋଗେ ତାମିଲନାଡୁ ଯାଇଥାନ୍ତେ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୯୪/୨୨)ରୁଜୁ ହୋଇଛି। ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଛି। ମଧ୍ୟସ୍ଥ ଅଜିତ ସୁନା(୨୫)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ମଧୁମେହ ପରୀକ୍ଷଣ ଶିବିର

**ଟିଟିଲାଗଡ଼,୨୦।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଲାୟନ୍ସ କ୍ଲବ ପକ୍ଷରୁ ୫ଦିନ ଧରି ଚାଲିଥିବା ମଧୁମେହ ପରୀକ୍ଷଣ ତଥା ପରାମର୍ଶ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଦିବସରେ ସହରର ରେଲୱେ ଷ୍ଟେଶନ, ଡାକ୍ତରଖାନା, ଷ୍ଟେଟବ୍ୟାଙ୍କ, ଥାନା ସମ୍ମୁଖ, ହାଟପଦା ବଜାର ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ଏନେଇ ଶିବିର ଆୟୋଜିତ ହୋଇଥିଲା। ଏକ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ଏଥିରୁ ଲାଭାନ୍ୱିତ ହୋଇଥିଲେ। ଲାୟନ୍ସ କ୍ଲବ ସଭାପତି ଲିଙ୍ଗରାଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରକଳ୍ପ ଅଧକ୍ଷ ସନ୍ତୋଷ ମହାନ୍ତି, ସଞ୍ଜୟ ସୋନି, ସଞ୍ଜୟ ନାୟକ, ଦୀପକ ପୃଷ୍ଟି, ଆଶୀର୍ବାଦ ମହାପାତ୍ର, ଈଶ୍ୱର ଜୈନ, ଡା. ନରେନ୍ଦ୍ର ଅଗ୍ରୱାଲ ଏଥିରେ ସହଯୋଗ କରିଥିଲେ।

### ରାସ୍ତା ପ୍ରଶସ୍ତୀକରଣ କାମ ନିମ୍ନମାନର ଅଭିଯୋଗ

**ଲୋଇସିଂହା,୨୦।୧୧(ଡି.ଏନ.ଏ):** ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି । ପିଚୁ ରାସ୍ତାର ଉଭୟପଟରେ ୬ ଫୁଟ ଚଉଡା କରାଯାଉଛି । ତା ବାହାରେ ଡ୍ରେନ କାମ ହେଉଛି। ବଲାଙ୍ଗୀର-ଶଙ୍କରବୁଜି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣର ଡବଲ କୋଟ ହେଲାଣି। ଲୋଇସିଂହା ପୋଲରୁ ବୁର୍ଡାଛକ ପର୍ଯ୍ୟନ୍ତ ପ୍ରଶସ୍ତିକରଣ କାମର ମେଟାଲିଂ ଉପରେ ପିଚୁ ଲଗା ଚିପ୍‌ସ ଢଳାଇ କରାଯାଉଛି । ଏପଟେ କାମ ଚାଲିଥିବାବେଳେ ସେପଟେ ଚିପସ ଉଠୁଛି। ଏଥିସହ ରାସ୍ତାପାର୍ଶ୍ୱ ନିର୍ମାଣାଧୀନ ଡ୍ରେନ କାମରେ ଅନିୟମିତତା କରାଯାଉଛି। ସିମେଣ୍ଟ ଓ ବାଲିର ମିଶ୍ରଣ ଠିକ୍ ରହୁ ନ ଥିବାରୁ ଅନେକ ଜାଗାରେ ଗେଟି ଦେଖାଯାଉଛି। ବୁର୍ଡା-ନଅଗାଁ(ଖ) ଛକ ନିକଟରେ ପାଇପ ଲାଇନ ଉପରେ ଡ୍ରେନ କରାଯାଇଛି । କୌଣସି ଅସୁବିଧା ହେଲେ ଜଳ ଯୋଗାଣରେ ଅସୁବିଧା ଆଶଙ୍କା ପାଇଛି। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।


ରାସ୍ତାରୁ ପିଚୁ ଉଠି ଯାଇଛି।

# ଦ୍ୱିତୀୟ ପାଳିରେ ୪୫ ଲକ୍ଷ ଟଙ୍କାର କାରବାର

**ବୌଦ୍ଧ,୨୦।୧୧(ସ୍ୱ.ପ୍ର.)**

ଗତ ୧୩ ତାରିଖ ଦିନ ବୌଦ୍ଧରେ ଆରମ୍ଭ ହୋଇଥିବା ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବୁଣାକାର ବଜାର ଧିରେ ଧିରେ ବ୍ୟବସାୟୀମାନଙ୍କୁ ଆକର୍ଷିତ କରିବାରେ ଲାଗିଛି। ଏହି ବୁଣାକାର ବଜାର ଖୋଲିବାର ଦ୍ୱିତୀୟ ପାଳିରେ ରେକର୍ଡ ପରିମାଣର ୪୫ ଲକ୍ଷ ଟଙ୍କାର କାରବାର ହୋଇଥିବା ଜଣାଯାଇଛି। ଏହି ବଜାରକୁ ୭ ଗୋଟି ଜିଲାର ୨୫୦ ଜଣ ବୁଣାକାରଙ୍କ ଦ୍ୱାରା ୩ କୋଟି ୫୦ ଲକ୍ଷ ଟଙ୍କାର ବୁଣାକାର ସାମଗ୍ରୀ ବିକ୍ରୟ ପାଇଁ ଆସିଥିଲା। ବଜାର ବସିବାର ଦ୍ୱିତୀୟ ପାଳିରେ ମୁଖ୍ୟତଃ ସମ୍ବଲପୁରୀ, ସିଲ୍କ ଶାଢୀ, ରେଡିମେଡ ସମ୍ବଲପୁରୀ ଶାର୍ଟ, ଟସର, ସମ୍ବଲପୁରୀ କପଡା ଓ ଗାମୁଛାର ଚାହିଦା ଅଧିକ ରହିଥିଲା। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପ ଜିଲାପାଳ ସନତ କୁମାର ନାଏକ, ଜିଲା ଜରୁରୀକାଳୀନ ଅଧିକାରୀ ଶାନ୍ତିସୁଧା ପାତ୍ର, ତହସିଲଦାର ଦେବୀ ପ୍ରସାଦ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ୍ କୁମାର ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ସେବାସ୍ତିଆନା କୁଜୁର, ଭାରପ୍ରାପ୍ତ ସହାକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ବିଜୟ କୁମାର ନାଏକ, ବୟନ ତତ୍ତ୍ୱାବଧାରକ ଟୁନି ମେହେର ଓ ନିୟନ୍ତ୍ରିତ ବଜାର କମିଟିର ସଂପାଦକ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବୁଣାକାରମାନଙ୍କୁ ଉତ୍ସାହିତ କରିଥିଲେ । ଏଥିସହ ଗ୍ରାହକମାନେ ଅଧିକ ସଂଖ୍ୟାରେ ବୁଣାକାର ବଜାର ସହିତ ସାମିଲ ହେଲେ ଏହି ବଜାର ତିଷ୍ଠି ରହିବ ବୋଲି କ୍ରେତାମାନଙ୍କୁ ବୁଝାଉଥିବା ଦେଖିବାକୁ ମିଳିଥିଲା। ବୁଣାକାର ବଜାର ଖୋଲିବାର ଦ୍ୱିତୀୟ ପାଳିରେ ୨ ହଜାରରୁ ଉର୍ଦ୍ଧ୍ୱ କ୍ରେତା ବୁଣାକାର ବଜାର ବୁଲିବା ସହିତ ବିଭିନ୍ନ ପୋଷାକ ସାମଗ୍ରୀ କ୍ରୟ କରିଥିଲେ। ବିଭିନ୍ନ ଅଞ୍ଚଳ ତଥା ପଡୋଶୀ ଜିଲାର ଅନେକ ଆଗ୍ରହୀ ବ୍ୟବସାୟୀ ବୁଣାକାର ବଜାର ବୁଲିବା ସହିତ ସାମଗ୍ରୀ କ୍ରୟ କରିଥିବା ବେଳେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ମଧ ସାମଗ୍ରୀ କ୍ରୟ କରୁଥିବା ଦେଖିବାକୁ ମିଳିଥିଲା।


ବୁଣାକାର ବଜାରରେ କିଣାବିକା ଚାଲିଛି।

**ବୌଦ୍ଧ ବୁଣାକାର ବଜାର**
■ରେକର୍ଡ ପରିମାଣର ବିକ୍ରି

## ଆଉଟସୋର୍ସିଂ ଉଚ୍ଛେଦ ଓ ସ୍ଥାୟୀ ନିଯୁକ୍ତି ଦାବି

**ବୌଦ୍ଧ,୨୦।୧୧(ସ୍ୱ.ପ୍ର.)**

ଆଉଟ ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ଏବଂ ସ୍ଥାୟୀ ନିଯୁକ୍ତି ଦାବିରେ ବୌଦ୍ଧ ଜିଲାର ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନଙ୍କର ରବିବାର ଦିନ ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ସଞ୍ଜିତ ଜେନା ଅଧକ୍ଷତା କରିଥିଲେ। ଓଡିଶାରେ ଥିବା ଲକ୍ଷାଧିକ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇପାରୁନାହିଁ। ଏହାକୁ ବିରୋଧ କରି ଜିଲାରେ ଥିବା ୫୦୦ରୁ ଅଧିକ ଆଉଟ ସୋର୍ସିଂ କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦାବିରେ ଗତ ୧୪ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲା କାର୍ଯ୍ୟାଳୟଗୁଡିକରେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଫଳରେ ଜିଲା ତଥା ରାଜ୍ୟର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ଆସନ୍ତା ୨୬ ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି ବୈଠକରେ ଆଲୋଚନା କରିଥିବା ଜଣାଯାଇଛି। ବୈଠକରେ ଜିଲାର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ସାମିଲ ଥିଲେ।

# ଜାତୀୟସ୍ତରୀୟ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୨୦।୧୧**

ନୂଆଦିଲ୍ଲୀସ୍ଥିତ ବାଳଭବନଠାରେ ଶିଶୁ ଦିବସ ଅବସରରେ ଅନୁଷ୍ଠିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପାରମ୍ପାରିକ ଗଁଡ଼ାବାଜା, ଡାଲଖାଇ ପରିବେଷଣ କରିଥିବା ପଦ୍ମପୁରର ଏକ ଶିଶୁ ସାଂସ୍କୃତିକ ଦଳକୁ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶନିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗଣଦୃଷ୍ଟିର ମୁଖ୍ୟ ଉମେଶ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କଂସ ଅଭିନେତା ହୃଷିକେଶ ଭୋଇ, ସମାଜସେବୀ ଦିଲୀପ ସାୱଡ଼ିଆ, ଜନତା ସଂଘର୍ଷ ସମିତିର ଅଧ୍ୟକ୍ଷ କିଶୋର ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ପ୍ରଧାନ, ବରଗଡ଼ ସାମ୍ବାଦିକ ସଂଘ ସଦସ୍ୟ ପ୍ରସନ୍ନ କୁମାର ମିଶ୍ର, ସଙ୍ଗୀତଜ୍ଞ ସୁଶିଳ ପ୍ରଧାନ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରମେଶ ଦାଶ, ପ୍ରଦୀପ୍ତଭାନୁ ମହାନ୍ତି, ନେପାଳ ଦୁଆନ ପ୍ରମୁଖ ଯୋଗଦେଇ ସାଂସ୍କୃତିକ ଦଳର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ଦଳର ମୁଖ୍ୟ ରମେଶ ଗୁର୍ଲା ସେମାନଙ୍କ ଅଭିଜ୍ଞତା କହିଥିଲେ। ନୃତ୍ୟଗୁରୁ ସୁରେନ୍ଦ୍ର ସାହୁ ଏବଂ ରମେଶ ଗୁର୍ଲାଙ୍କ ନେତୃତ୍ୱରେ ଏହି ଦଳରେ ଦେଓଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ରଶ୍ମୀ ମାଝୀ, ନିରୁପମା ରାଉତ, କୁସୁମିତା କଲାରୀ, ନିର ସୁନା, ଶୁଭମ ସୁନା, ରାମଚନ୍ଦ୍ର ସୁନା, ନିତେଶ ହଂସ, ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମାଝୀ, ଶିକ୍ଷୟିତ୍ରୀ ସୁନିତା ଦାଶ, ଗୋପବନ୍ଧୁ ହଂସ, ହୃଷିକେଶ ସୁନା, ସରୋଜ ବିବାଳ ପ୍ରମୁଖ ନୂଆଦିଲ୍ଲୀ ଯାଇଥିଲେ। ସେଠାରେ ଶିଶୁ କଳାକାରମାନେ ଗଁଡ଼ାବାଜା ଏବଂ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ମଧ୍ୟ ଶିଶୁ କଳାକାରମାନେ ସାଂସ୍କୃତିକ ଝଲକ ପରିବେଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶର ସମସ୍ତ ରାଜ୍ୟରୁ ଭାଗ ନେଇଥିବା ଦଳ ଗୁଡ଼ିକ ମଧ୍ୟରୁ ବରଗଡ଼ ଜିଲାରୁ ଯାଇଥିବା ଦଳର ସଦସ୍ୟମାନେ ବୟସରେ ସମସ୍ତଙ୍କଠାରୁ ସାନ ଥିଲେ। ସେମାନେ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ଏହି ଦଳ ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀରୁ ଟ୍ରେନ ଯୋଗେ ବରଗଡ଼ରେ ପହଞ୍ଚିଥିଲେ।


ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ବରଗଡ଼ ପୁସ୍ତକମେଳା ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୦।୧୧**

ଭାଷା ମାନବିକ ଚେତନାକୁ ସମ୍ପ୍ରସାରିତ କରେ। ପୁସ୍ତକ ମେଳା ତାର ଏକ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ। ରବିବାର ସନ୍ଧ୍ୟାରେ ବରଗଡ଼ ପୁସ୍ତକମେଳା ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ବିମ୍ବାଧର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପୁସ୍ତକମେଳାକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ସାହିତ୍ୟିକ ମଳୟ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହିନ୍ଦୀ ବିଭାଗର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସୁର ମନ୍ଦିରର ଛାତ୍ରୀଛାତ୍ର ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ପାଠାଗାର ପକ୍ଷରୁ ଚଳିତବର୍ଷର ମେଧା ପୁରସ୍କାର ଏବଂ ସ୍ମାରକୀ ପୁରସ୍କାର ଘୋଷଣା କରାଯାଇଥିଲା। ଚଳିତବର୍ଷ ଡା. ଶଙ୍କର ରାମଚନ୍ଦାନୀ, ସାହିତ୍ୟିକ ତ୍ରିନାଥ ସାହୁ, ଔପନ୍ୟାସିକ ଧନପତି ମହାପାତ୍ର, ନାଟ୍ୟକାର ଅଶୋକ ବହିଦାର, ବିଶିଷ୍ଟ ଚାଷୀ କମ୍ବୁପାଣି ବିଶ୍ୱାଳଙ୍କୁ ଯଥାକ୍ରମେ ସ୍ୱର୍ଗତ ବାଲୁଙ୍କେଶ୍ୱର ସ୍ମୃତି ସମ୍ମାନ, ସ୍ୱର୍ଗତ ଗଙ୍ଗାଧର ମେହେର ସ୍ମୃତି ସମ୍ମାନ, ସ୍ୱର୍ଗତ ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ, ସ୍ୱର୍ଗତ ବୁଦ୍ଧଦେବ ସ୍ମୃତି ସମ୍ମାନ, ସ୍ୱର୍ଗତ ଡୋଲାମଣି ସାହୁ ସ୍ମୃତି ସମ୍ମାନ ପ୍ରଦାନ କରିବାକୁ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ପ୍ରଦାନ କରାଯାଇଥିଲା। ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନରେ ଭେଡ଼େନର ମନୋହର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଏକ ସମ୍ବଲପୁରୀ କ୍ୟାଲେଣ୍ଡର-୨୦୨୩ ଉନ୍ମୋଚିତ ହୋଇଥିଲା।


ବିଧାୟକ ଦେବେଶ ଆଚାର୍ଯ୍ୟ ବରଗଡ଼ ପୁସ୍ତକମେଳାକୁ ଉଦ୍‌ଘାଟନ କରୁଛନ୍ତି ।

# ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏମ୍‌ପିଙ୍କୁ ସ୍ମାରକପତ୍ର

**ସୋନପୁର,୨୦।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ସୋନପୁର ସର୍କିଟ୍ ହାଉସରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ ଓ ସମ୍ପାଦକ ବ୍ୟୋମକେଶ ଦାଶ ସୁବର୍ଣ୍ଣପୁର ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ଚଳିତ ବର୍ଷ ଡିସେମ୍ବର ମାସରେ ସାମ୍ବାଦିକ ସଂଘ ତାର ରଜତ ଜୟନ୍ତୀ ପାଳନ କରିବାକୁ ଯାଉଛି। ମାତ୍ର ସଂଘ କାର୍ଯ୍ୟାଳୟ ଭଗ୍ନ ଅବସ୍ଥାରେ ପଡିରହିଛି। ଅପରପକ୍ଷରେ ନିର୍ମାଣାଧୀନ କୋଠା ଅର୍ଥାଭାବ ଯୋଗୁଁ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡି ରହିଛି। ସାମ୍ବାଦିକ ଭବନ ପରିସରରେ ସମ୍ମିଳନୀ କକ୍ଷ ନାହିଁ। ତେଣୁ ସଂଘ କାର୍ଯ୍ୟାଳୟ ଓ ସମ୍ମିଳନୀ କକ୍ଷ ନିମନ୍ତେ ୨୦ ଲକ୍ଷ ଟଙ୍କା ମଞ୍ଜୁର ପାଇଁ ଏମ୍‌ପିଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।


ବଲାଙ୍ଗୀର ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ପରିବେଶ ପାର୍କ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

**ବୌଦ୍ଧ,୨୦।୧୧(ସ୍ୱ.ପ୍ର.)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଅଜିତ କୁମାର ମିଶ୍ର ଏବଂ ବୈଷୟିକ ପରାମର୍ଶଦାତା ସୁନିଲ କୁମାର ନାୟକ ଶନିବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁରଠାରେ ନିର୍ମାଣ ହେବାକୁ ଥିବା ପରିବେଶ ପାର୍କ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ପରେ ଏହି ଦୁଇ ଅଧିକାରୀଙ୍କ ସହିତ ବୌଦ୍ଧ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଓଆଇସି ଡବ୍ଲୁଓଡିସି ଇ.ସୋରେଙ୍ଗ, ହରଭଙ୍ଗା ବିଡିଓ ରବୀନ୍ଦ୍ର କୁମାର କହଁର, ଡିପିଏମ ମିଶନ ଶକ୍ତି ଦେବଦତ୍ତ ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ, ସ୍ଥପତି ସୁମନ ଷଡଙ୍ଗୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଇକୋ ପାର୍କର ଆଭ୍ୟନ୍ତରୀଣ ୮ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳ ଚାଲି ଚାଲି ପରିଦର୍ଶନ କରିବା ସହ ପାର୍କ ଭିତରେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟର ଚୂଡାନ୍ତ କରିଥିଲେ। ନୂଆପଡା ଡ୍ୟାମକୁ ସଂଯୋଗ କରିବା ପାଇଁ ଏକ ଝୁଲା ଷ୍ଟିଲ ବ୍ରିଜ ନିର୍ମାଣ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଓ ନିରାପଦ ରାତ୍ରୀଯାପନ ପାଇଁ ୮ ଗୋଟି କଟେଜ ନିର୍ମାଣ ଲାଗି ପ୍ରସ୍ତାବ ଦେଇଥିଲେ। ୧୮ କୋଟିର ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୪ କୋଟି ଟଙ୍କା ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରୁ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ପରବର୍ତ୍ତୀ ସମୟରେ ଆଉ ୨ କୋଟି ଟଙ୍କା ପ୍ରଦାନ କରାଯିବ। ଏହା ସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁମୋଦିତ ଦୁଗ୍ଧ ଉତ୍ପାଦନ ପ୍ଲାଣ୍ଟ,ପଶ୍ଚିମା ଭବନ ଓ ସଂଗ୍ରହାଳୟର ଉନ୍ନତୀକରଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଥିଲେ। ସନ୍ଧ୍ୟାରେ ଜିଲା ଅତିଥି ଭବନଠାରେ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଡବ୍ଲୁଓଡିସି ଇକୋ ପାର୍କର ଅଗ୍ରଗତି ସଂପର୍କରେ ଅଧିକାରୀମାନେ ଜଲାପାଳ ସାହୁଙ୍କୁ ଅବଗତ କରାଇବା ସହିତ ପ୍ରକଳ୍ପ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ଆଲୋଚନା କରିଥିଲେ। ଏହି ପରିବେଶ ପାର୍କକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଭଳି ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାବ୍ୟତୀତ ବନ୍ୟଜନ୍ତୁମାନଙ୍କ ଉଦ୍ଧାର ତଥା ସଂରକ୍ଷଣ କେନ୍ଦ୍ର, ପକ୍ଷୀ ପାର୍କ, ନୂଆପଡା କ୍ଷୁଦ୍ର ଜଳସେଚନ ଡ୍ୟାମରେ ନୌକା ବିହାର, ସଫାରି, କାଫେଟୋରିଆ, ବଟର ଫ୍ଲାଏ ଉଦ୍ୟାନ, ଜଙ୍ଗଲ ମଧରେ ପ୍ରାକୃତିକ ଶୋଭାରାଜି ଉପଭୋଗ ପାଇଁ ଚଲାପଥ ସୃଷ୍ଟି, ହାଇକିଂ ଟ୍ରାକ୍, ଫୁଡକୋର୍ଟ, ଶିଶୁ ଉଦ୍ୟାନ ଆଦି ସୃଷ୍ଟି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅତିଥିଭବନଠାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ତହସିଲଦାର ଦେବୀ ପ୍ରସାଦ ଦାଶ ଓ ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ତାଳସରଡ଼ା ଦଳ ଚାମ୍ପିୟନ

**ବୌଦ୍ଧ,୨୦।୧୧(ସ୍ୱ.ପ୍ର.)**

ଜିଲା କ୍ରୀଡା ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୌଦ୍ଧ ବ୍ଲକର ମୁଣ୍ଡାପଡାଠାରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ମନୁପାଲି ପଞ୍ଚାୟତ ଓ ତାଳସରଡା ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ସଂଘର୍ଷମୟ ହୋଇଥିବା ବେଳେ ଖେଳର ପ୍ରଥମାର୍ଦ୍ଧରେ ତାଳସରଡା ଦଳ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ମନୁପାଲି ଦଳ ଗୋଲ ଦେଇ ଖେଳକୁ ସମାନ ସ୍ଥିତିରେ ରଖିଥିଲା। ଶେଷରେ ଟ୍ରାଇବ୍ରେକର ଜରିଆରେ ତାଳସରଡା ଦଳ ୩-୧ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା କ୍ରୀଡା ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ଜିଲା ବଣିକ ସଂଘ ସଭାପତି ସୁବାଷ ଚନ୍ଦ୍ର ସାହୁ, ଜିଲା ସାମ୍ବାଦିକ ସଂଘର ସମ୍ପାଦକ ଶଶାଙ୍କ ଶେଖର ମିଶ୍ର , ଯୁବ ରେଡକ୍ରସ ସମ୍ପାଦକ ସୁରେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ମୁଣ୍ଡାପଡାର ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରେଫରି ଭାବରେ ଅମିତ ବେହେରା, ପ୍ରହଲ୍ଲାଦ ଭୋକ୍ରା, ବସୁନ୍ଧ ସାହୁ ପରିଚାଳନା କରିଥିବା ବେଳେ ଅମ୍ବରୀଶ ପ୍ରଧାନ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଫ୍ରେଣ୍ଡସ କ୍ଲବର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବୌଦ୍ଧ ବ୍ଲକ ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

